ରବିବାର

୮-୧୪ ମାର୍ଚ୍ଚ, ୨୦୨୬

ସକାଳ ବିନ୍ଦୁରା

- ତୃତୀୟ ବିଶ୍ୱଯୁଦ୍ଧ ଆସନ୍ନ!
- ଅପରେସନ୍ ଏପିକ୍ ଫ୍ୟୁରି
- ମଧ୍ୟପ୍ରାଚ୍ୟ ସଂକଟ
- ଭାରତ ଉପରେ ଯୁଦ୍ଧର ପ୍ରଭାବ
- ଖାମେନେଇ ଯୁଗର ଅବସାନ

ଯୁଦ୍ଧ ବିଭୀଷିକା

ମଧ୍ୟପ୍ରାଚ୍ୟରେ ଯୁଦ୍ଧର ବିଭୀଷିକା । ପ୍ରଥମେ ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ । ପରେ ଇରାନର ପାଲଟା ଆକ୍ରମଣ । ଦେଶର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖାମେନେଇଙ୍କ ମୃତ୍ୟୁ ପରେ ଅଧିକ ରକ୍ତମୁଖା ହୋଇପଡ଼ିଛି ଇରାନ୍ । ବର୍ତ୍ତମାନ ଡ୍ରୋନ୍ ଓ ମିଶାଇଲ୍ ମାଡ଼ରେ ଥରହର ମଧ୍ୟପ୍ରାଚ୍ୟ । ଯୁଦ୍ଧର କରାଳଛାୟାରେ ଶହ ଶହ ନିରୀହ ଲୋକଙ୍କ ପ୍ରାଣ ଚାଲି ଯାଉଛି । ଉଜୁଡ଼ି ଯାଉଛି ଅନେକ ସୁଖର ସଂସାର । ଡ୍ରୋନ୍ ମାଡ଼ରେ ଭୁଷୁଡ଼ି ପଡୁଛି ବଡ଼ ବଡ଼ କୋଠା । ଯୁଦ୍ଧକୁ ନେଇ ସାରା ବିଶ୍ୱରେ ଲାଗିରହିଛି ଅସ୍ଥିରତା । ଏହାର ଭୟାବହ ପରିଣାମ ଅନ୍ୟ ରାଷ୍ଟ୍ରର ନାଗରିକମାନଙ୍କୁ ମଧ୍ୟ ଭୋଗିବାକୁ ପଡୁଛି । ଇସ୍ରାଏଲ୍ ଓ ଇରାନର ଯୁଦ୍ଧ ନିଆଁ ଧୀରେ ଧୀରେ ପଡ଼ୋଶୀ ରାଷ୍ଟ୍ରକୁ ବ୍ୟାପିବାରେ ଲାଗିଛି । ଉଭୟ ପକ୍ଷରୁ ବ୍ୟାପକ ଭାବେ କ୍ଷତିକ୍ଷତି ହେଉଛି । ଗୋଟିଏ କି ଦୁଇଟି କାରଣ ନୁହେଁ, ଯୁଦ୍ଧକୁ ନେଇ ରହିଛି ଅନେକ କାରଣ । ମଧ୍ୟପ୍ରାଚ୍ୟରେ ସଂଘର୍ଷ ଯେତିକି ପ୍ରାଚୀନ, ସେତିକି ଜଟିଳ ମଧ୍ୟ । ତେବେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପଛର ପ୍ରକୃତ କାରଣ କ'ଣ? ଯୁଦ୍ଧରେ କିଏ କାହାକୁ ସମର୍ଥନ ଦେଉଛି? କାହାର କେତେ ସାମରିକ ଶକ୍ତି? କେତେ ପ୍ରଭାବିତ ହେବ ଭାରତ? ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଭୟାବହତାର ବିଭିନ୍ନ ଦିଗକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା: **ଯୁଦ୍ଧ ବିଭୀଷିକା**

ପ୍ରସ୍ତୁତି 'ସକାଳ' ବ୍ୟୁରୋ

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

କେମିତି କଟିବ ସପ୍ତାହ

ମେଷ
ରବି, ସୋମବାରରେ କାର୍ଯ୍ୟମଗ୍ନତା ଦେଖାଦେବ । ଆର୍ଥିକ ଉନ୍ନତି ହେବ । ମଙ୍ଗଳ, ବୁଧବାରରେ ଆୟର ନୂତନ ପଥ ଉନ୍ମୁକ୍ତ ହେବ । ଗୁରୁ, ଶୁକ୍ର, ଶନିବାରରେ ଅବହେଳାର ଶିକାର ହେବେ । ବ୍ୟବସାୟିକ ଆୟବ୍ୟୟ ସମାନ ରହିବ ।

ବୃଷ
ରବି,ସୋମବାରରେ ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ । ସନ୍ତାନସନ୍ତତିଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ । ମଙ୍ଗଳ,ବୁଧବାରରେ କର୍ମକ୍ଷେତ୍ରରେ ପ୍ରଭାବଶାଳୀ ରହିବେ । ଗୁରୁ, ଶୁକ୍ର,ଶନିବାରରେ ମୂଲ୍ୟବାନ ବସ୍ତୁ କ୍ରୟ କରିପାରନ୍ତି । ଉଚ୍ଚ ଅଧିକାରୀଙ୍କଠାରୁ ପ୍ରଶଂସା ପାଇବେ ।

ମିଥୁନ
ରବି, ସୋମବାରରେ ପରିବାରରେ ସମସ୍ୟା ସୃଷ୍ଟି ହୋଇପାରେ । ବେପାରରେ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ । ମଙ୍ଗଳ,ବୁଧବାରରେ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ । ଗୁରୁ, ଶୁକ୍ର,ଶନିବାରରେ ସାମାଜରେ ଧନସମ୍ମାନପ୍ରାପ୍ତି । ଗୁରୁଜନଙ୍କ ଆଶୀର୍ବାଦ ପାଇବେ ।

କର୍କଟ
ରବି, ସୋମବାରରେ ସମୟର ସଦୁପଯୋଗ କରିବେ । କଠିନ ପରିଶ୍ରମ କରି ସଫଳ ହେବେ । ମଙ୍ଗଳ, ବୁଧବାରରେ ଆର୍ଥିକ କ୍ଷେତ୍ରରେ ପାରିବାରିକ ସହଯୋଗ ପାଇବେ । ଗୁରୁ, ଶୁକ୍ର,ଶନିବାରରେ ଜୀବନସାଥୀଙ୍କ ସହ ନୂତନ ଯୋଜନା ପ୍ରସ୍ତୁତ କରିବେ । ଧନଲାଭ ଯୋଗ ରହିଛି ।

ସିଂହ
ରବି, ସୋମବାରରେ କର୍ମକ୍ଷେତ୍ରରେ ପଦୋନ୍ନତି ମିଳିପାରେ । ଅଧିକ ପରିଶ୍ରମୀ ହେବେ । ମଙ୍ଗଳ,ବୁଧବାରରେ ମହତ୍ତ୍ୱପୂର୍ଣ୍ଣ ସଫଳତା ପାଇବେ । ଗୁରୁ, ଶୁକ୍ର, ଶନିବାରରେ ସୁଖଶାନ୍ତି ବୃଦ୍ଧି ପାଇବ । ଅକସ୍ମାତ୍ ଧନଲାଭ ଯୋଗ ରହିଛି ।

କନ୍ୟା
ରବି, ସୋମବାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଆଗକୁ ବଢ଼ିବେ । ଭାଇଭଉଣୀଙ୍କର ସହଯୋଗ ମିଳିବ । ମଙ୍ଗଳ,ବୁଧବାରରେ ମନସ୍ତାପରେ ରହିପାରନ୍ତି । ଗୁରୁ, ଶୁକ୍ର, ଶନିବାରରେ ପରିଶ୍ରମ ମୁତାବକ ଫଳପ୍ରାପ୍ତି । ବରିଷ୍ଠ ବ୍ୟକ୍ତିଙ୍କଠାରୁ ସହଯୋଗ ପାଇବେ ।

ତୁଳା
ରବି, ସୋମବାରରେ ସରକାରୀ କାର୍ଯ୍ୟରେ ସଫଳତା ପାଇବେ । କର୍ମକ୍ଷେତ୍ରରେ ନିଜର ପରାକ୍ରମ ଦେଖାଇବେ । ମଙ୍ଗଳ, ବୁଧବାରରେ ଅର୍ଥହାନି ଓ ଶତ୍ରୁବୃଦ୍ଧି ହୋଇପାରେ । ଗୁରୁ, ଶୁକ୍ର, ଶନିବାରରେ ଗୁରୁଜନଙ୍କ ଆଶୀର୍ବାଦ ଭାଗ୍ୟ ଉଦୟରେ ସହଯୋଗ ହେବ । ବ୍ୟବସାୟରେ ଲାଭବାନ ହେବେ ।

ବିଛା
ରବି, ସୋମବାରରେ କର୍ମକ୍ଷେତ୍ରରେ ସହଯୋଗ ପାଇବେ । ସନ୍ତାନସନ୍ତତି ଉନ୍ନତି କରିବେ । ମଙ୍ଗଳ, ବୁଧବାରରେ ଅର୍ଥପ୍ରାପ୍ତିର ଯୋଗ ରହିଛି । ଗୁରୁ, ଶୁକ୍ର, ଶନିବାରରେ ମନରେ ପ୍ରସନ୍ନତା ଓ ଚଞ୍ଚଳତା ଭରି ରହିବ ।

ଧନୁ
ରବି, ସୋମବାରରେ ଗୁରୁଜନଙ୍କ ସହଯୋଗ ମିଳିବ । କାର୍ଯ୍ୟକ୍ଷେତ୍ରରେ ବାଧା ସୃଷ୍ଟି ହୋଇପାରେ । ମଙ୍ଗଳ, ବୁଧବାରରେ ଦ୍ରବ୍ୟାଦି ଲାଭ ହେବ । ଗୁରୁ ,ଶୁକ୍ର, ଶନିବାରରେ ସକାରାତ୍ମକ ଚିନ୍ତା ରଖି ଆଗକୁ ବଢ଼ିବେ । ନିଜ ବୁଦ୍ଧି ବଳରେ ସଫଳତା ପାଇବେ ।

ମକର
ରବି, ସୋମବାରରେ ଅଭାବ ଓ ଅସୁବିଧା ଦେଖାଦେବ । ଋଣ ଦେଇଥିବା ଅର୍ଥ ଫେରି ପାଇବେ । ମଙ୍ଗଳ, ବୁଧବାରରେ ଗୁରୁଜନଙ୍କ ସହଯୋଗ ମିଳିବ । ଗୁରୁ, ଶୁକ୍ର, ଶନିବାରରେ ବ୍ୟବସାୟିକ ପ୍ରସାର ହେବ । ଶତ୍ରୁମାନଙ୍କର କୂଟଚକ୍ରାନ୍ତର ଶିକାର ହୋଇପାରନ୍ତି ।

କୁମ୍ଭ
ରବି, ସୋମବାରରେ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେବ । ଭବିଷ୍ୟତ ଯୋଜନାରେ ସଫଳ ହେବେ । ମଙ୍ଗଳ, ବୁଧବାରରେ ପ୍ରିୟଜନଙ୍କ ପାଇଁ ସମ୍ବେଦନଶୀଳ ରହିବେ । ଗୁରୁ, ଶୁକ୍ର,ଶନିବାରରେ ଅର୍ଥପ୍ରାପ୍ତି, ବ୍ୟବସାୟିକ ଆୟ ଭଲ ହେବ ।

ମୀନ
ରବି, ସୋମବାରରେ ଦୂରଯାତ୍ରା କରିପାରନ୍ତି । ଦ୍ରବ୍ୟାଦି କ୍ରୟ କରିପାରନ୍ତି । ମଙ୍ଗଳ,ବୁଧବାରରେ ଜୀବନରେ ଅକସ୍ମାତ୍ ପରିବର୍ତ୍ତନ ପରିଲକ୍ଷିତ ହେବ । ଗୁରୁ, ଶୁକ୍ର, ଶନିବାରରେ ଦୃଢ଼ମନା ହେବେ । ନୂତନ ନିଯୁକ୍ତି ହୋଇପାରେ ।

ସାମ୍ପ୍ରତିକ ସମୟରେ ଆମେରିକା ଓ ଇସ୍ରାଏଲ ଇରାନ୍ ଉପରେ ଜାରି ରଖିଥିବା ସାମରିକ କାର୍ଯ୍ୟାନୁଷ୍ଠାନ ଓ ତତ୍‌ଜନୀତ ଭୂରାଜନୈତିକ ଉତ୍ତେଜନା ଯୋଗୁଁ ତୃତୀୟ ବିଶ୍ୱଯୁଦ୍ଧର ସୃଷ୍ଟି କରିଛି ଭୟ । ଏହାକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଚାଲିଛି । ଆକ୍ରମଣ ଜବାବରେ ଇରାନ୍ ମଧ୍ୟ ମଧ୍ୟପ୍ରାଚ୍ୟରେ ଆମେରିକା ସ୍ଥାପନ କରିଥିବା ସାମରିକ ଘାଟି ଉପରେ ଘନଘନ ଆକ୍ରମଣ ଚଳାଇଛି । ଏପଟେ ରୁଷ ଓ ଚୀନ୍ ଆମେରିକା ଆକ୍ରମଣ ନିନ୍ଦା କରିଛନ୍ତି; ଅନ୍ୟପଟେ ଇରାନ ବିରୋଧରେ ଆମେରିକାକୁ ନିଜ ବାୟୁ ମାର୍ଗ ପ୍ରଦାନକୁ ସ୍ପେନ୍ ମନା କରିଛି । ସେହିପରି ବ୍ରିଟେନ୍ ଓ ଫ୍ରାନ୍ସ ମଧ୍ୟ ଆମେରିକା ସହ ଯୁଦ୍ଧରେ ସାମିଲ ହେବେ ନାହିଁ ବୋଲି ଘୋଷଣା କରିଛନ୍ତି । ଦୁଇ ଦେଶ ସିଧାସଳଖ ଯୁଦ୍ଧ ପ୍ରତି ସେମାନଙ୍କର ସମର୍ଥନ ନାହିଁ ବୋଲି କହିଛନ୍ତି । ଅଷ୍ଟ୍ରେଲିଆ ସଂସଦରେ ମଧ୍ୟ ଟ୍ରମ୍ପ ପ୍ରଶାସନ ବିରୋଧରେ ନିନ୍ଦା ପ୍ରସ୍ତାବ ଗୃହୀତ ହୋଇଛି । ଟ୍ରମ୍ପଙ୍କୁ 'ଆନ୍ତର୍ଜାତୀୟ ଗୁଣ୍ଡା' ବୋଲି ବ୍ରିଟେନ୍ ସଂସଦରେ କିଛି ସାଂସଦ ଆକ୍ଷେପ କରିଛନନ୍ତି । ସମ୍ଭାବନା ବିଶ୍ୱବ୍ୟାପୀ ବିତର୍କର ଏକ କେନ୍ଦ୍ରୀୟ ବିଷୟ । ଯଦିଓ 'ତୃତୀୟ ବିଶ୍ୱଯୁଦ୍ଧ'ର ସ୍ଥିତି ସୃଷ୍ଟି ହୋଇନାହିଁ, ତଥାପି ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣା ଏହି ଭୟକୁ ଯଥେଷ୍ଟ ବୃଦ୍ଧି କରିଛି ।

ତୃତୀୟ ବିଶ୍ୱଯୁଦ୍ଧ ଆସନ୍ନ !

ବୈଧତାକୁ ନେଇ ପ୍ରଶ୍ନ

ଆନ୍ତର୍ଜାତୀୟ ଆଇନ ବିଶେଷଜ୍ଞମାନେ ଇରାନ ଉପରେ ଆକ୍ରମଣର ବୈଧତା ଉପରେ ପ୍ରଶ୍ନ ଉଠାଇଛନ୍ତି । ଆମେରିକା ପାଇଁ ଇରାନ୍ କେବେ ବିପଦ ଥିବା ସେମାନେ ମନେ କରୁନାହାନ୍ତି । ଟ୍ରମ୍ପ ପ୍ରଶାସନ ଇରାନକୁ ତଥାକଥିତ 'ଆସନ୍ନ ବିପଦ' ମନେ କରିବା ଆନ୍ତର୍ଜାତୀୟସ୍ତରରେ ଗ୍ରହଣୀୟ ହୋଇ ପାରିନାହିଁ; ବରଂ ଇସ୍ରାଏଲ୍ ଓ ସାଉଦୀ ଆରବ ସ୍ୱାର୍ଥ ପାଇଁ ଏହାକୁ ଏକ ପୂର୍ବ ପରିକଳ୍ପିତ ଆକ୍ରମଣ ବୋଲି ଧାରଣା ସୃଷ୍ଟି ହୋଇଛି । ବର୍ତ୍ତମାନର ପରିସ୍ଥିତିକୁ ଆନ୍ତର୍ଜାତୀୟ ସମୁଦାୟ ଟ୍ରମ୍ପଙ୍କ ରାଷ୍ଟ୍ରପତିତ୍ୱର 'ସବୁଠାରୁ ବଡ଼ ବୈଦେଶିକ ନୀତି ଜୁଆ' ବୋଲି ବର୍ଣ୍ଣନା କରୁଛନ୍ତି ଏବଂ ଏହା ବିଶ୍ୱଯୁଦ୍ଧ ବା ବହୁମୁଖୀ ଆଞ୍ଚଳିକ ଯୁଦ୍ଧ ରୂପ ନେଇପାରେ ବୋଲି ମନେ କରୁଛନ୍ତି ।

ରୁଷର ଧମକ

ଆମେରିକାର ଆକ୍ରମଣ ମଧ୍ୟରେ ରୁଷ ଦେଇଛି ଚରମ ଚେତାବନୀ । ରୁଷର ଅନ୍ୟତମ ଶୀର୍ଷ ଅଧିକାରୀ ଦିମିତ୍ରୀ ମେଦଭେଦେବ ଯଦି ଟ୍ରମ୍ପ 'ଅପରାଧୀକ କାର୍ଯ୍ୟ' ଜାରି ରଖନ୍ତି, ତେବେ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବାକୁ ବିଳମ୍ବ ହେବ ନାହିଁ ବୋଲି ଚେତାବନୀକୁ ଆନ୍ତର୍ଜାତୀୟ ସମୁଦାୟ ଅତ୍ୟନ୍ତ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି । ଠିକ୍ ଏହି ସମୟରେ ରୁଷ ନିଜର ପରମାଣୁ ଯୁଦ୍ଧ ଜାହାଜକୁ ସକ୍ରିୟ କରିବା ରୁଷ ଆଡ଼କୁ ଆମେରିକା ପରମାଣୁ ବୁଡ଼ା ଜାହାଜ ପଠାଇବା ଉତ୍ତେଜନାକୁ ବୃଦ୍ଧି କରିଛି । ରୁଷ ନିଜର ସବୁଠାରୁ ଶକ୍ତିଶାଳୀ ଯୁଦ୍ଧ ଜାହାଜ ଇରାନ ମୁହାଁ କରିବା ଓ ଇରାନ୍ ଆମେରିକାର ଲଡ଼ୁଆ ବିମାନବାହୀ ଯୁଦ୍ଧ ଜାହାଜ ଆବ୍ରାହମ ଲିଙ୍କନ ଉପରକୁ ଡ୍ରୋନ୍ ଛାଡ଼ିବା ପରିସ୍ଥିତିକୁ ଗମ୍ଭୀର କରିଛି । ବାଧ୍ୟ ହୋଇ ଆମେରିକା ଆବ୍ରାହମ୍ ଲିଙ୍କନ ଯୁଦ୍ଧ ଜାହାଜକୁ ୮୦୦ କିଲୋମିଟର ପଛକୁ ଫେରାଇ ନେଇଛି ।

ଚୀନର ସହାୟତା

ଇରାନର ଗୁଇନ୍ଦା ବାହିନୀକୁ ଚୀନର ସହଯୋଗ ଆମେରିକା ପାଇଁ ଶିରପୀଡ଼ା ହୋଇଛି । ଆମେରିକା ଯୁଦ୍ଧ ଜାହାଜର ଉପସ୍ଥିତି, ସାମରିକ ଘାଟିର ସବୁ ସାଟେଲାଇଟ୍ ଫଟୋ ଓ ବିବରଣୀ ଚୀନ୍ ସାର୍ବଜନୀନ କରି ଇରାନକୁ ଫାଇଦା ଯୋଗାଇଛି । ଏହା ସହିତ ଇରାନକୁ ଚୀନ ଅନ୍ୟ ସାମରିକ ଉପକରଣ ଗୁପ୍ତରେ ଯୋଗାଉଥିବା ମଧ୍ୟ ଆମେରିକା ଅନୁମାନ କରୁଛି । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆମେରିକାର ଏହି କାର୍ଯ୍ୟ ପରୋକ୍ଷରେ ଚୀନ୍‌କୁ ଫାଇଦା ଦେଇପାରେ ଓ ତାଇୱାନ ଉପରେ ଚୀନ୍ ଆକ୍ରମଣ କରିପାରେ ବୋଲି ଆନ୍ତର୍ଜାତୀୟ ବିଶ୍ଳେଷକମାନେ ମନେ କରୁଛନ୍ତି । ଯାହା ସାରା ବିଶ୍ୱ ପାଇଁ ଆଉ ଏକ ସମସ୍ୟା ସୃଷ୍ଟି କରିପାରେ ।



ଆମେରିକୀୟଙ୍କ ବିରୋଧ

ଟ୍ରମ୍ପଙ୍କ ଯୁଦ୍ଧ ମନୋଭାବକୁ ଏବେ ସାରା ଆମେରିକାରେ ବିରୋଧ କରାଯାଉଛି । ଏହାକୁ 'ଅବାଞ୍ଛନୀୟ ଲଢ଼େଇ' ବୋଲି ଅଭିଯୋଗ କରି ଆମେରିକାର ସଂସଦରେ ଭୋଟ ପାଇଁ ଦାବି ହୋଇଛି । କଂଗ୍ରେସର ସଦସ୍ୟମାନେ ଏହି ଯୁଦ୍ଧ ଆମେରିକା ପାଇଁ ବିନାଶକାରୀ ହେବ ଓ ଅନାବଶ୍ୟକ ଭାବରେ ଆମେରିକା ଉପରେ ଚାପ ବଢ଼ିବ ବୋଲି ଯୁକ୍ତି ବାଢ଼ିଛନ୍ତି । ଏହି ଯୁଦ୍ଧ ଆସନ୍ତା ୨୦୩୧ ସୁଦ୍ଧା ବିଶ୍ୱଯୁଦ୍ଧକୁ ନିମନ୍ତ୍ରଣ କରିବ ବୋଲି ପ୍ରାୟ ଅଧା ଆମେରିକୀୟ (୪୬%) ଓ ଇଂଲଣ୍ଡର ୪୩% ଲୋକ ବିଶ୍ୱାସ କରୁଛନ୍ତି ।

ଇରାନ-ସାଉଦି ଆରବ ପ୍ରତିଦ୍ୱନ୍ଦ୍ୱିତା

ସାମ୍ପ୍ରତିକ ଯୁଦ୍ଧ ଇରାନ, ଇସ୍ରାଏଲ୍ ଓ ଆମେରିକା ମଧ୍ୟରେ ହେଉଥିବା କୁହାଯାଉଛି । ମାତ୍ର ଏହା ପଛରେ ରହିଛି ସାଉଦି ଆରବର ପରୋକ୍ଷ ରଣନୀତି । ସାଉଦି ଆରବ ମଧ୍ୟପ୍ରାଚ୍ୟରେ ଇରାନର ଅଭ୍ୟୁଦୟ ଚାହୁଁନାହିଁ । ତୈଳ କ୍ଷେତ୍ରରେ ଏକଚାଟିଆ ପ୍ରଭାବ ଜାହିର କରିବା ସାଉଦି ଆରବର ଇଚ୍ଛା ଓ ଏଥିରେ ଇରାନ ପ୍ରମୁଖ ବାଧକ । ପୁନଶ୍ଚ ଦୁଇ ଦେଶ ମଧ୍ୟରେ ବୈର ଭାବ ପ୍ରତ୍ୟକ୍ଷ ଭାବରେ ଆଦର୍ଶଗତ, ଧାର୍ମିକ (ସିଆ ବନାମ ସୁନ୍ନି) ଏବଂ ଭୂରାଜନୈତିକ ପ୍ରତିଯୋଗିତାର ମିଶ୍ରଣ ଦ୍ୱାରା ପରିଚାଳିତ । ୧୯୭୯ ଇରାନ ବିପ୍ଳବ, ଯାହା ଏକ ବିପ୍ଳବୀ ଧର୍ମତନ୍ତ୍ର ପ୍ରବର୍ତ୍ତନ କରିଥିଲା, ଶକ୍ତି ସନ୍ତୁଳନକୁ ମୌଳିକ ଭାବରେ ପରିବର୍ତ୍ତନ କରିଥିଲା, ଏକ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି କରିଥିଲା । ଯାହା ଦୁଇ ଦେଶ ମଧ୍ୟରେ ସେବେଠାରୁ ଶୀତଳ ଯୁଦ୍ଧର ରୂପ ନେଇଛି । ପରିଣାମ ସ୍ୱରୂପ ଦୁଇ ଦେଶ ଦୀର୍ଘଦିନ ଧରି ଛାୟା ଯୁଦ୍ଧରେ ଲିପ୍ତ ଅଛନ୍ତି । ଆମେରିକାର ମିତ୍ର ରାଷ୍ଟ୍ର ଭାବରେ ସାଉଦି ଆରବ ପରିଚିତ ଓ ନିଜ ସ୍ୱାର୍ଥ ପାଇଁ ଇରାନ ଆକ୍ରମଣକୁ ସାଉଦି ଆରବ ପ୍ରୋତ୍ସାହିତ କରିଥିବା କୁହାଯାଉଛି । ଏକ ସୁନ୍ନି ରାଜତନ୍ତ୍ର ଭାବରେ ସାଉଦି ଆରବ ନିଜକୁ ମୁସଲିମ ବିଶ୍ୱର ନେତୃତ୍ୱ ନେବାକୁ ସର୍ବଦା ପ୍ରୟାସ କରିଛି । ମାତ୍ର ଏକ ଶିୟା ଧର୍ମତନ୍ତ୍ର ଭାବରେ ଇରାନର ବିପ୍ଳବୀ ଚିନ୍ତାଧାରା ସାଉଦିର ରାଜତନ୍ତ୍ରକୁ ସହ୍ୟ କରିପାରି ନାହିଁ ଓ ସାଉଦି ଆରବର ରାଜତନ୍ତ୍ର ମଧ୍ୟ ଇରାନର ଧାର୍ମିକ ବୈପ୍ଳବିକତାକୁ ଗ୍ରହଣ କରିପାରି ନାହିଁ ।

ଇରାନ-ଇସ୍ରାଏଲ୍ ଶତ୍ରୁତା

୧୯୮୫ ମସିହାରୁ ଇରାନ ଓ ଇସ୍ରାଏଲ ପରସ୍ପର ବିରୋଧରେ ଛାୟା ଯୁଦ୍ଧରେ ଲିପ୍ତ ଅଛନ୍ତି । ଇସ୍ରାଏଲୀ-ଲେବାନିଜ୍ ସଂଘର୍ଷ ସମୟରେ ଇରାନ ଲେବାନିଜ୍ ଶିଆ ମିଲିସିଆ କୁହାଯାଉଥିବା ହିଜବୁଲ୍ଲାକୁ ସମର୍ଥନ କରି ଆସିଛି । ସେହିପରି ଇସ୍ରାଏଲୀ-ପାଲେଷ୍ଟାଇନିଜ୍ ସଂଘର୍ଷରେ ହମାସ ଭଳି ପାଲେଷ୍ଟାଇନୀ ଗୋଷ୍ଠୀକୁ ଇରାନ ସମର୍ଥନ ଦେଇଛି । ପରିଣାମ ସ୍ୱରୂପ ଇସ୍ରାଏଲ ସିଧାସଳଖ ଇରାନରେ ବିଦ୍ରୋହୀ ଗୋଷ୍ଠୀଙ୍କୁ ସମର୍ଥନ ଦେବା ସହ ସିରିଆରେ ଇରାନୀ ମିତ୍ର ଗୋଷ୍ଠୀ ଓ ଇରାନୀ ସେନା ଉପରେ ବିମାନ ଆକ୍ରମଣ କରିଛି, ଇରାନୀ ପରମାଣୁ ବୈଜ୍ଞାନିକମାନଙ୍କୁ ହତ୍ୟା କରିଛି । ୨୦୨୪ ମସିହାରେ ଏହି ଛାୟା ଯୁଦ୍ଧ ଦୁଇ ଦେଶ ମଧ୍ୟରେ ସିଧାସଳଖ ଲଢ଼େଇରେ ପରିଣତ ହୋଇଛି ଓ ଦୁଇ ଦେଶ ୧୨ ଦିନ ମୁହାଁମୁହିଁ ଲଢ଼େଇ କରିଛନ୍ତି । ଏଥିରେ ଆମେରିକା ମଧ୍ୟ ଇସ୍ରାଏଲ୍‌କୁ ସହଯୋଗ କରିଛି ।

ପଶ୍ଚିମ ଏସିଆର ଅନ୍ୟ ଇସଲାମିକ୍ ଦେଶ ସହ ଇରାନ ଓ ଇସ୍ରାଏଲର ଶତ୍ରୁତା ଥିଲା । ତେଣୁ ଶତ୍ରୁର ଶତ୍ରୁ ବନ୍ଧୁ ନ୍ୟାୟରେ ଏକ ସମୟରେ ଆରବର ଇସଲାମିକ୍ ସମୁଦାୟକୁ ବିରୋଧ ଦୁଇ ଦେଶ ଇରାନ୍ ଓ ଇସ୍ରାଏଲ୍‌ର ସମ୍ପର୍କକୁ ଘନିଷ୍ଠ କରିଥିଲା । ତେବେ ୧୯୭୯ ଇସଲାମିକ୍ ବିପ୍ଳବ ପରେ ଇରାନ ସହ ଇସ୍ରାଏଲ୍ ସମ୍ପର୍କ ଛିନ୍ନ କରିଥିଲା; କିନ୍ତୁ ପରବର୍ତ୍ତୀ ଇରାନ-ଇରାକ ଯୁଦ୍ଧ ସମୟରେ ଦୁଇ ଦେଶ ମଧ୍ୟରେ ଗୁପ୍ତ ସମ୍ପର୍କ ଜାରି ରହିଥିଲା । କିନ୍ତୁ ୧୯୮୨ ମସିହାରେ ଇସ୍ରାଏଲର ଲେବାନନ୍ ଆକ୍ରମଣକୁ ପ୍ରତିରୋଧ କରିବା ପାଇଁ ଇରାନ୍ ବିଦ୍ରୋହୀ ହିଜବୁଲ୍ଲାକୁ ସମର୍ଥନ ସହ ଅସ୍ତ୍ର ଯୋଗାଇଥିଲା ଏବଂ ଦକ୍ଷିଣ ଲେବାନନ୍ ଉପରେ ଇସ୍ରାଏଲ ଆକ୍ରମଣ ସମୟରେ ସିଆ ମିଲିସିଆକୁ ସମର୍ଥନ କରିଆସିଥିଲା । ୧୯୭୯ ପୂର୍ବରୁ ଇରାନୀ ମୌଳବାଦୀ ଶାସକ ପାଲେଷ୍ଟାଇନମାନଙ୍କୁ ଦୃଢ଼ ଭାବରେ ସମର୍ଥନ କରିଥିଲେ । ୧୯୭୯ ପରେ ଇରାନ ପାଲେଷ୍ଟାଇନ ମୁକ୍ତି ସଂଗଠନ ସହିତ ଏବଂ ପରେ ପାଲେଷ୍ଟାଇନ ଇସଲାମିକ୍ ଜିହାଦ ଏବଂ ହମାସ ସହିତ ସମ୍ପର୍କ ସ୍ଥାପନ କରିଥିଲା । ୨୦୦୮-୨୦୦୯, ୨୦୧୨, ୨୦୧୪, ୨୦୨୧ ଏବଂ ୨୦୨୩ ମସିହାରେ ଇସ୍ରାଏଲ୍ ଆକ୍ରମଣ ସମୟରେ ହିଜବୁଲ୍ଲାକୁ ଇରାନ୍‌ର ସମର୍ଥନ ଦୁଇ ଦେଶର ଶତ୍ରୁତାକୁ ଅଧିକ ଗଭୀର କରିଥିଲା ।

ଇରାନୀ ମୌଳବାଦୀମାନଙ୍କର ପାଲେଷ୍ଟାଇନମାନଙ୍କ ପ୍ରତି ସହାନୁଭୂତି ପରମ୍ପରା ବେଶ୍ ଦୀର୍ଘ । ୧୯୪୯ ମସିହାରେ ଆୟାତୋଲ୍ଲା ମହମୁଦ ତାଲେଘାନି ପାଲେଷ୍ଟାଇନ୍ ଗସ୍ତ ସମୟରେ ସେଠାରେ ଶରଣାର୍ଥୀଙ୍କ ଦୁର୍ଦ୍ଦଶା ଦେଖି କ୍ରୋଧିତ ହୋଇଥିଲେ । ୧୯୫୦ ଏବଂ ୧୯୬୦ ଦଶକରେ ତାଲେଘାନି ପାଲେଷ୍ଟାଇନୀମାନଙ୍କ ପାଇଁ ଓକିଲାତି ଆରମ୍ଭ କରିଥିଲେ । ୧୯୬୭ ମସିହାରେ ସେ ପାଲେଷ୍ଟାନୀମାନଙ୍କ ପାଇଁ ଇରାନରେ ପାଣ୍ଠି ସଂଗ୍ରହ ବି କରିଥିଲେ । ସେହିପରି ୧୯୭୯ ମସିହାରେ ଇରାନର ସର୍ବୋଚ୍ଚ ନେତା ହେବା ପୂର୍ବରୁ ରୁହୋଲ୍ଲା ଖୋମେନି ପାଲେଷ୍ଟାଇନୀ ଲୋକଙ୍କ ସମର୍ଥନ କରିଥିଲେ । ୧୯୭୯ ମସିହାର ଇରାନୀ ବିପ୍ଳବ ପରେ ଖାମେନେଇଙ୍କ ନୂତନ ସରକାର ଇସ୍ରାଏଲକୁ ଇସଲାମର ଶତ୍ରୁ ରୂପେ ବିବେଚନା କରିଥିଲା ଓ ଇସ୍ରାଏଲ୍‌କୁ ଆମେରିକାର ଏକ ଉପନିବେଶବାଦ ଅଞ୍ଚଳ ଭାବରେ ଧରି ନେଇଥିଲା । ପରବର୍ତ୍ତୀ ସମୟରେ ଇସ୍ରାଏଲର ରାଷ୍ଟ୍ର ମାନ୍ୟତା ପ୍ରତ୍ୟାହାର ସହିତ ଇରାନ୍ ସମସ୍ତ କୂଟନୈତିକ, ବାଣିଜ୍ୟିକ ଏବଂ ଅନ୍ୟାନ୍ୟ ସମ୍ପର୍କ ଛିନ୍ନ କରିଥି । ଏପରିକି ଇସ୍ରାଏଲକୁ 'ଅଧିକୃତ ପାଲେଷ୍ଟାଇନ' ବୋଲି ଘୋଷଣା କରିଥିଲା ।



ଏ ସବୁ ପରେ ବି ଇସ୍ରାଏଲ ୧୯୮୦ ରୁ ୧୯୮୮ ପର୍ଯ୍ୟନ୍ତ ଇରାନ-ଇରାକ ଯୁଦ୍ଧ ସମୟରେ ଇରାନକୁ ସମର୍ଥନ ଯୋଗାଇଥିଲା । ସାମରିକ ଉପକରଣ ଓ ସାମରିକ ପ୍ରଶିକ୍ଷକ ମଧ୍ୟ ଯୋଗାଇଥିଲା । ବାବିଲୋନରେ ଇରାକର ଓସିରାକ ପରମାଣୁ ରିଆକ୍ଟର ଉପରେ ବୋମା ପକାଇ ଧ୍ୱଂସ କରିବାରେ ଇରାନ୍‌କୁ ଇସ୍ରାଏଲ୍ ସହଯୋଗ କରିଥିଲା । ୧୯୮୨ ମସିହାରେ ଇସ୍ରାଏଲର ଆକ୍ରମଣ ଫଳରେ ପାଲେଷ୍ଟାଇନ ମୁକ୍ତି ସଂଗଠନ

ଲେବାନନରୁ ପଛଘୁଞ୍ଚା ଦେଇଥିଲା ।

ପରବର୍ତ୍ତୀ ସମୟରେ ଇରାନ ମଧ୍ୟପ୍ରାଚ୍ୟରେ ନିଜର ମିତ୍ର ଏବଂ ଛାୟା ଶକ୍ତିର ଏକ ନେଟୱାର୍କ ସ୍ଥାପନ କରିଥିଲା, ଯାହା ସିଧାସଳଖ ପଶ୍ଚିମ ଏସିଆରେ ଆମେରିକା ଏବଂ ଇସ୍ରାଏଲୀୟ ସ୍ୱାର୍ଥ ବିରୋଧୀ ଥିଲା । ବିଦ୍ରୋହୀ ଗୋଷ୍ଠୀଗୁଡ଼ିକକୁ ସମର୍ଥନ ଓ ଛାୟା ଯୁଦ୍ଧର ପ୍ରୋତ୍ସାହନ କରୁଥିବାରୁ ଇସ୍ରାଏଲ୍ ଇରାନ୍‌କୁ ନିଜର ଅସ୍ତିତ୍ୱ ପ୍ରତି ସବୁବେଳେ ବିପଦ ମଣି ଆସିଛି । ଯଦିଓ ଛାୟା ଯୁଦ୍ଧରେ ଲିପ୍ତ କିଛି ସଙ୍ଗଠନ ରାଜନୈତିକ ଦଳରେ ପରିଣତ ହୋଇଥିଲେ, ତଥାପି ଏହାକୁ ଇସ୍ରାଏଲ ସ୍ୱୀକାର କରିପାରୁ ନ ଥିଲା । ଏହା ଇରାନ ଦ୍ୱାରା ପ୍ରୋତ୍ସାହିତ ବୋଲି ଇସ୍ରାଏଲ୍ ମନେ କରୁଥିଲା । ଗାଜାରେ ହମାସ, ଲେବାନନରେ ହିଜବୋଲ୍ଲା, ଇରାକରେ ଶିୟା ମିଲିସିଆ ଏବଂ ୟେମେନରେ ହୁତିମାନେ ଇରାନରୁ ଆର୍ଥିକ ଓ ସାମରିକ ସହାୟତା ପାଉଥିବା ଇସ୍ରାଏଲ୍ ଅଭିଯୋଗ କରିଥିଲା ।

କାହିଁକି ଇରାନ ଉପରେ ଆକ୍ରମଣ

ପରମାଣୁ କାର୍ଯ୍ୟକ୍ରମ ଏବଂ ୟୁରାନିୟମ୍ ସମୃଦ୍ଧି : ଆମେରିକାର ସବୁଠାରୁ ବଡ଼ ଭୟ ହେଉଛି ଇରାନର ପରମାଣୁ ଅସ୍ତ୍ର କ୍ଷମତା। ଆମେରିକୀୟ ଅଧିକାରୀ ଓ ପେଣ୍ଟାଗନର ଆକଳନ ଅନୁସାରେ ଇରାନ ବହୁ ପରିମାଣରେ ସମୃଦ୍ଧ ୟୁରାନିୟମ (ପ୍ରାୟ ୪୬୦ କିଲୋଗ୍ରାମ) ସଂଗ୍ରହ କରିଛି, ଯାହା ୧୧ଟି ପରମାଣୁ ବୋମା ଉତ୍ପାଦନ କରିବା ପାଇଁ ଯଥେଷ୍ଟ। ଆମେରିକା ଚାହୁଁଛି ଇରାନ ଏହାର ପରମାଣୁ କାର୍ଯ୍ୟକ୍ରମ ଏବଂ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ପରିତ୍ୟାଗ କରୁ।

ଆଞ୍ଚଳିକ ପ୍ରଭାବ ଏବଂ ଛାୟା ଯୁଦ୍ଧ : ଆମେରିକା ଅଭିଯୋଗ ଅନୁସାରେ ମଧ୍ୟପ୍ରାଚ୍ୟରେ ଅସ୍ଥିରତା ସୃଷ୍ଟି କରିବା ପାଇଁ ଇରାନ ହିଜବୋଲ୍ଲା, ହମାସ ଏବଂ ହୁତି ଭଳି ସାମରିକ ଛାୟା ଗୋଷ୍ଠୀଗୁଡ଼ିକକୁ ସମର୍ଥନ ଏବଂ ଅସ୍ତ୍ରଶସ୍ତ୍ର ଯୋଗାଇଥାଏ। ଆମେରିକା ଏହି ଗୋଷ୍ଠୀଗୁଡ଼ିକ ପାଇଁ ଇରାନ ସମର୍ଥନ ବନ୍ଦ କରିବାକୁ ଇରାନ ଉପରେ ଚାପ ପ୍ରୟୋଗ କରି ସଫଳ ହୋଇନାହିଁ। ଇରାନ ଆକ୍ରମଣର ଏହା ଅନ୍ୟତମ ପ୍ରମୁଖ କାରଣ ବୋଲି କୁହାଯାଏ।

ଇସ୍ରାଏଲକୁ ସୁରକ୍ଷା : ମଧ୍ୟପ୍ରାଚ୍ୟ ବା ପଶ୍ଚିମ ଏସିଆରେ ଇସ୍ରାଏଲ ହେଉଛି ଆମେରିକାର ସବୁଠାରୁ ନିକଟତମ ମିତ୍ର। ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଦୀର୍ଘକାଳୀନ ପ୍ରତିଦ୍ୱନ୍ଦ୍ୱିତା ରହିଛି ଓ ଇରାନ ପ୍ରାୟତଃ ଇସ୍ରାଏଲର ଅସ୍ତିତ୍ୱ ପ୍ରତି ସବୁ ସମୟରେ ଆହ୍ୱାନ ଦେଇ ଆସିଛି । ଆମେରିକା ତା'ର ବନ୍ଧୁ ଇସ୍ରାଏଲକୁ ସୁରକ୍ଷା ଦେବା ପାଇଁ ଇରାନର ସାମରିକ କ୍ଷମତାକୁ ନିୟନ୍ତ୍ରଣ କରିବା ଜରୁରି ବୋଲି ମନେ କରିଛି ।

ଆର୍ଥିକ ସ୍ୱାର୍ଥ : ଇରାନର ନୌସେନା କାର୍ଯ୍ୟକଳାପକୁ ପ୍ରାୟତଃ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ବାଣିଜ୍ୟ ମାର୍ଗ (ଯେପରିକି ହର୍ମୁଜ୍ ପ୍ରଣାଳୀ) ପାଇଁ ଏକ ବିପଦ ଭାବରେ ବିବେଚନା କରାଯାଏ। ଆମେରିକା ଚାହୁଁଛି ଯେ ସମୁଦ୍ରରେ ଆନ୍ତର୍ଜାତୀୟ ବାଣିଜ୍ୟ ଜାହାଜର ଗତିବିଧି ସମ୍ପୂର୍ଣ୍ଣ ନିରାପଦ ଓ ମୁକ୍ତ ରହୁ। ଏହା ବ୍ୟତୀତ, ତୈଳ ସମ୍ପଦ ଉପରେ ନିୟନ୍ତ୍ରଣ ଏବଂ ବିଶ୍ୱ ତୈଳ ଯୋଗାଣର ସ୍ଥିରତା ମଧ୍ୟ ଏକ ପ୍ରମୁଖ କାରଣ।

ନେତୃତ୍ୱ ପରିବର୍ତ୍ତନ ଇଚ୍ଛା : ଏକ ସମୟରେ ଇରାନ୍ ଥିଲା ଆମେରିକାର ନିକଟତମ ମିତ୍ର । ମାତ୍ର ମୌଳବାଦର ଅଭ୍ୟୁଦୟ ଓ ଖାମେନେଇଙ୍କ ଉଦ୍ଭବ ଏଥିରେ ପ୍ରତିବନ୍ଧକ ସୃଷ୍ଟି କରିଛି । ଇରାନ ଲୋକଙ୍କୁ ପାଶ୍ଚାତ୍ୟ ଅଭିମୁଖୀ କରିବାରେ ଖାମେନେଇ ଶାସକ ମଧ୍ୟ ବାଧା ସୃଷ୍ଟି କରିଛନ୍ତି । ଆମେରିକା ଇରାନରେ ଏପରି ଏକ ସରକାର କିମ୍ବା ନେତୃତ୍ୱ ଚାହୁଁଛି ଯାହା ପାଶ୍ଚାତ୍ୟ ସ୍ୱାର୍ଥ ସହିତ ସୁସଙ୍ଗତ ଭାବରେ ଆଗକୁ ବଢ଼ି ପାରିବ। ଆମେରିକା ସମୟ ସମୟରେ ସେଠାକାର ଶାସନକୁ ଦୁର୍ବଳ କରିବା ପାଇଁ ଇରାନ ଉପରେ 'ସର୍ବାଧିକ ଚାପ' ନୀତି ବ୍ୟବହାର କରିଛି।



ଇରାନର ପରମାଣୁ କାର୍ଯ୍ୟକ୍ରମ

ଇରାନ ୧୯୫୭ ମସିହାରୁ ପରମାଣୁ କାର୍ଯ୍ୟକ୍ରମ ଜାରି ରଖିଛି ଓ ପରିମାଣରେ ସଫଳତା ପାଇଛି। ଇରାକ ସହିତ ଯୁଦ୍ଧ ସମୟରେ, ୧୯୮୦ ଦଶକର ଶେଷ ଭାଗରେ ଇରାନ ଏହାର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପରମାଣୁ ଅସ୍ତ୍ର ବିକଶିତ କରିବାକୁ ନିଷ୍ପତ୍ତି ନେଇଥିଲା। ଏହାପରେ ୧୯୯୦ ଦଶକରେ କାର୍ଯ୍ୟକ୍ରମର ଗବେଷଣାକୁ ସମର୍ଥନ କରିବା ପାଇଁ ଚୀନ୍ ଏବଂ ରୁଷ ସହିତ ଚୁକ୍ତିନାମା କରିଥିଲା। ୨୦୦୨ ମସିହାରେ ଇରାନର ଭିନ୍ନମତ ଗୋଷ୍ଠୀମାନଙ୍କୁ ନେଇ ଗଠିତ ଏକ ଛତ୍ର ସଂଗଠନ ଏହି ପରମାଣୁ କାର୍ଯ୍ୟକ୍ରମ ସଂପର୍କରେ ଆନ୍ତର୍ଜାତୀୟ ସମୁଦାୟକୁ ସୂଚନା ଦେଇଥିଲା । ଏପରିକି ଦୁଇଟି ସ୍ଥାନରେ ଇରାନ ଚଳାଇଥିବା ପରମାଣୁ କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ଆନ୍ତର୍ଜାତୀୟସ୍ତରରେ ପ୍ରକାଶ ପାଇଥିଲା ।

୨୦୦୩ରେ ଆନ୍ତର୍ଜାତୀୟ ସମୁଦାୟ, ବିଶେଷ କରି ଆମେରିକା ଇରାନର ପରମାଣୁ କାର୍ଯ୍ୟକ୍ରମକୁ ବନ୍ଦ କରିବା ପାଇଁ ଏକ ପ୍ରୟାସ କରିଥିଲେ । ଇରାନ ଉପରେ ବିଭିନ୍ନ ପ୍ରତିବନ୍ଧକ ଲଗାଇଥିଲେ। ଏଥିରେ ଇରାନ ରାଜି ହୋଇଥିଲା ସତ, ମାତ୍ର ପରମାଣୁ ଶକ୍ତି ପାଇଁ ଏହାର ସେଣ୍ଟ୍ରିଫ୍ୟୁଜ୍ ସର୍ତରେ ଅଟଳ ରହିଥିଲା। ମାତ୍ର ପରବର୍ତ୍ତୀ ସମୟରେ ଇରାନ ନିଜ ସର୍ତ୍ତ ଖିଲାପ କରିଥିବା ଅଭିଯୋଗ ହୋଇଥିଲା। ୨୦୦୬ ମସିହାରେ ମିଳିତ ଜାତିସଂଘ ଇରାନକୁ ତାର ୟୁରାନିୟମ୍ ସମୃଦ୍ଧି କାର୍ଯ୍ୟକ୍ରମକୁ ସ୍ଥଗିତ ରଖିବା ପାଇଁ ପ୍ରଥମ ଆଇନଗତ ଭାବରେ ପଦକ୍ଷେପ ନେଇଥିଲା। ମାତ୍ର ଏହା ସଫଳ ନ ହେବାରୁ ଜାତିସଂଘ ଇରାନ ଉପରେ ଅନେକ ଆର୍ଥିକ କଟକଣା ଲାଗୁ କରିଥିଲା।

୨୦୧୧ ରୁ ୨୦୧୩ ପର୍ଯ୍ୟନ୍ତ ଆନ୍ତର୍ଜାତୀୟ କଟକଣାର ପ୍ରଭାବ ଇରାନର ଅର୍ଥନୀତିକୁ ୨୦ ପ୍ରତିଶତ ହ୍ରାସ କରିଥିଲା । ଦେଶରେ ବେକାରୀ ୨୦ ପ୍ରତିଶତକୁ ବୃଦ୍ଧି ପାଇଥିଲା। ତେବେ ୨୦୧୩ ରେ ହାସନ ରୁହାନି ଇରାନ ଉପରେ ଲାଗିଥିବା ପ୍ରତିବନ୍ଧକ ହଟାଇବା ଏବଂ ଅର୍ଥନୀତିକୁ ପୁନରୁଦ୍ଧାର କରିବାର ପ୍ରତିଶ୍ରୁତି ଉପରେ ପ୍ରଚାର କରି ଇରାନର ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହୋଇଥିଲେ। ଦୁଇ ବର୍ଷ ମଧ୍ୟରେ ଇରାନ ଓ ଆମେରିକା ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ଚୀନ୍, ଫ୍ରାନ୍ସ, ଜର୍ମାନୀ, ରୁଷ ଏବଂ ଆମେରିକା ଆଦି ଦେଶଗୁଡ଼ିକ ଇରାନ ସହ ଆଲୋଚନା କରିଥିଲେ। ଶେଷରେ ମିଳିତ ଜାତିସଂଘ ଇରାନ ଉପରୁ ପ୍ରତିବନ୍ଧକ ହଟାଇବାକୁ ନିଷ୍ପତ୍ତି ନେଇଥିଲା। ସର୍ତ ଅନୁସାରେ ଇରାନକୁ ପନ୍ଦର ବର୍ଷ ପାଇଁ ଏହାର ସମୃଦ୍ଧ ୟୁରାନିୟମର ଭଣ୍ଡାରକୁ ୯୮ ପ୍ରତିଶତ ହ୍ରାସ କରିବ, ଦଶ ବର୍ଷ ପାଇଁ କାର୍ଯ୍ୟକ୍ଷମ ସେଣ୍ଟ୍ରିଫ୍ୟୁଜ ସଂଖ୍ୟାକୁ ଦୁଇ-ତୃତୀୟାଂଶ ହ୍ରାସ କରିବାକୁ ରାଜି ହୋଇଥିଲା। ଏହାର ଉଲ୍ଲଂଘନ ହେଲେ ପୁଣି କଠୋର ପଦକ୍ଷେପ ନିଆଯିବାକୁ ଜାତିସଂଘ ଚେତାବନୀ ଦେଇଥିଲା। ଏହାପରେ ଇରାନ ଉପରୁ ପ୍ରତିବନ୍ଧକ ହଟିଥିଲା ଓ ୧୦୦ ବିଲିଅନ ଡଲାରର ପ୍ରତିବନ୍ଧକ ହଟାଯାଇଥିଲା। ଏହା ପରେ ବି ଇରାନ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ବିକାଶ ଜାରି ରଖିଥିବା ବାରମ୍ବାର ଇସ୍ରାଏଲ୍ ଓ ଆମେରିକା ଅଭିଯୋଗ କରି ଆସିଛି ।



ଇରାନର ସାମରିକ ଶକ୍ତି

ଗ୍ଲୋବାଲ୍ ଫାୟାର୍ ପାୱାର୍ ଇଣ୍ଡେକ୍ସ ଅନୁଯାୟୀ ସାମରିକ ଶକ୍ତିରେ ଇରାନ୍ ବିଶ୍ୱ ସ୍ତରରେ ୧୬ତମ ସ୍ଥାନରେ ରହିଛି । ଏହାର ସାମରିକ ରଣନୀତି ଏକ ପୁରାତନ ଓ ଆଧୁନିକତାର ଏକ ବିଚିତ୍ର ସମନ୍ୱୟ ବୋଲି ବିଚାର କରାଯାଏ । ପୁରୁଣା ପାରମ୍ପରିକ ବାୟୁସେନା ଓ ଆଧୁନିକ ସାମରିକ ଯନ୍ତ୍ରାଂଶ ପରିବର୍ତେ ଇରାନ୍ ଏକ ବିଶାଳ କ୍ଷେପଣାସ୍ତ୍ର ଭଣ୍ଡାର ସୃଷ୍ଟି କରିଛି । ସେହିପରି ଡେରାନ୍‌କୁ ନିଜର ସାମରିକ ଶକ୍ତିର ସବୁଠାରୁ ବଡ଼ ଆୟୁଧ ଭାବରେ ପ୍ରସ୍ତୁତ କରିଛି । ଇରାନର ଏକ ବିଶାଳ ସାମରିକ ବାହିନୀ ରହିଛି । ଯାହା ଦେଶର ସୁପ୍ରିମ ଲିଡର୍ ବା ସର୍ବୋଚ୍ଚ ନେତାଙ୍କ ଦ୍ୱାରା ତଦାରଖ ହୋଇଥାଏ । ଏଥିରେ ପ୍ରାୟ ୬୧୦,୦୦୦(ମଧ୍ୟପ୍ରାଚ୍ୟରେ ସର୍ବବୃହତ୍ ସ୍ଥଳ ସେନା ବାହିନୀ) ସେନା ଅଛନ୍ତି ଓ ସଂରକ୍ଷିତ ସେନାଙ୍କ ସଂଖ୍ୟା ୩,୫୦,୦୦୦ ।

ବାସିଜ୍ : ସୁପ୍ରିମ ଲିଡର୍‌ଙ୍କ ଅଧୀନରେ ଏକ ଅର୍ଦ୍ଧସାମରିକ ସ୍ୱେଚ୍ଛା ସେବୀ ବାହିନୀ ଅଛି, ଏଥିରେ ପ୍ରାୟ ଅଢ଼େଇ ଲକ୍ଷ ସ୍ୱେଚ୍ଛାସେବୀ ଅଛନ୍ତି । ଏହାକୁ ସାଧାରଣ ଗତିବିଧି ନିୟନ୍ତ୍ରଣ ପାଇଁ ବ୍ୟବହାର କରାଯାଏ ।

ଆଇଆର୍‌ଜିସି (ଇସଲାମିକ୍ ରିଭୋଲ୍ୟୁସନରୀ ଗାର୍ଡ କର୍ପସ୍): କୁଦସ୍ ଫୋର୍ସ ମାଧ୍ୟମରେ ଶାସନ ସୁରକ୍ଷା ଏବଂ ଆଞ୍ଚଳିକ କାର୍ଯ୍ୟ ଉପରେ ଏକ ସମାନ୍ତରାଳ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ ରହିଛି ।

କ୍ଷେପଣାସ୍ତ୍ର ଶକ୍ତି : ଇରାନର ଅସ୍ତ୍ରାଗାରରେ ବିପୁଳ କ୍ଷେପଣାସ୍ତ୍ର ରହିଛି ଓ ଏହାର ବିବିଧତା ମଧ୍ୟ ଭିନ୍ନଭିନ୍ନ । ଦୀର୍ଘ ଦୂରଗାମୀ ଫତେହ-୧ (ହାଇପରସୋନିକ ମାକ୍ ୧୩), ଖୋରମଶାହର-୪ (୨,୦୦୦ କିମି ଲକ୍ଷ୍ୟଭେଦୀ), ଓସେଜିଲ୍ (୨,୦୦୦ କିମି ଲକ୍ଷ୍ୟଭେଦୀ) ଅନ୍ତର୍ଭୁକ୍ତ । କ୍ଷେପଣାସ୍ତ୍ରଗୁଡ଼ିକକୁ ସାରା ଦେଶରେ ବିଭିନ୍ନ ଭୂତଳ ଘାଟିରେ ସଂରକ୍ଷିତ କରାଯାଇଥାଏ

ଡ୍ରୋନ୍ ଶକ୍ତି : କମ ମୂଲ୍ୟର ଡ୍ରୋନ୍ ପ୍ରସ୍ତୁତିରେ ଇରାନ ବିଶ୍ୱରେ ଅନ୍ୟତମ ଶୀର୍ଷସ୍ଥାନର ଅଧିକାରୀ । ଅନ୍ୟାନ୍ୟ ଡ୍ରୋନ୍ ଅପେକ୍ଷା ଇରାନ୍ ଶାହେଦ୍-୧୩୬/୧୩୯ (ଆତ୍ମଘାତୀ ଡ୍ରୋନ୍), ମୋହାଜେର-୬ ଓ କରାର ଇରାନକୁ ଶକ୍ତିଶାଳୀ କରିଛି । ଆଞ୍ଚଳିକ ସଂଘର୍ଷରେ ଏହାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ୟୁକ୍ରେନ୍ ବିରୋଧରେ ଇରାନୀ ଡ୍ରୋନ୍‌କୁ ରୁଷ ମଧ୍ୟ ସଫଳତାର ସହ ବ୍ୟବହାର କରିଛି ।

ଟ୍ୟାଙ୍କ ଓ ରକେଟ୍ ଲଞ୍ଚର : ଇରାନ ସେନା ନିକଟରେ ପ୍ରାୟ ୨,୬୭୫ ଟ୍ୟାଙ୍କ ଓ ୧,୫୫୦ ମୋବାଇଲ୍ ରକେଟ୍ ଲଞ୍ଚର୍ ରହିଛି ।

ନୌସେନା ଶକ୍ତି : ଇରାନ୍ ନିକଟରେ ଦ୍ରୁତ ଆକ୍ରମଣକ୍ଷମ ଶତାଧିକ ନୌଜାହାଜ ଓ ୨୫ରୁ ୩୫ଟି ବୁଡ଼ା ଜାହାଜ ଥିବା ଆକଳନ କରାଯାଏ । ଏହି ବୁଡ଼ାଜାହାଜଗୁଡ଼ିକ କ୍ଷୁଦ୍ର ଓ ମଧ୍ୟମ ଧରଣର । ରୁଷ ଓ ଚୀନ ଏ କ୍ଷେତ୍ରରେ ଇରାନ୍‌କୁ ସହାୟତା ଦେଇଥାଆନ୍ତି । ପାରସ୍ୟ ଉପସାଗରର ଉତ୍ତେଜନା ଦୃଷ୍ଟିରୁ ଇରାନକୁ ଏକ ନୌଶକ୍ତି ରୂପେ ବିବେଚନା କରାଯାଏ ।

ବାୟୁସେନା : ଦଶନ୍ଧି ଦଶନ୍ଧି ଧରି କଟକଣା ଇରାନର ବାୟୁସେନାକୁ ଦୃଢ଼ କରିବାରେ ବାଧକ ହୋଇଛି । ତଥାପି ଏହା ନିକଟରେ ୫୫୦ ଯୁଦ୍ଧ ବିମାନ ରହିଛି । ନୌବାହିନୀରେ ଅଧିକାଂଶ ବିମାନ ପୁରୁଣା ଓ ଆମେରିକା ପ୍ରସ୍ତୁତ (ଏଫ-୧୪, ଏଫ୍-୪) । ସେହିପରି ସୋଭିଏତ ୟୁନିୟନ (ପୁରୁଷା ରୁଷ) ରୁ କିଣିଥିବା କିଛି ପୁରୁଣା ଯୁଦ୍ଧ ବିମାନ ଇରାନ ନିକଟରେ ରହିଛି । ସୋଭିଏତ୍-ଯୁଗ ମଡେଲ୍ ରହିଛି ।

ପ୍ରତିରକ୍ଷା ବଜେଟ୍ : ୨୦୨୫-୨୦୨୬ ବର୍ଷରେ ଇରାନର ପ୍ରତିରକ୍ଷା ବଜେଟ ୯.୨ ବିଲିୟନରୁ ୧୮.୪ ବିଲିୟନ ମଧ୍ୟରେ ଥିଲା । ମାତ୍ର ମୁଦ୍ରାସ୍ଫୀତି ଓ ଆନ୍ତର୍ଜାତୀୟ କଟକଣା ଯୋଗୁଁ ଇରାନ ତାର ପ୍ରତିରକ୍ଷା ବଜେଟରେ ବିଶେଷ କିଛି ବୃଦ୍ଧି କରିପାରେ ନାହିଁ । ଆକଳନ କରାଯାଇଛି, ଯଦିଓ ମୁଦ୍ରାସ୍ଫୀତି ଏବଂ କଟକଣା ଯୋଗୁଁ ଖର୍ଚ୍ଚ ପ୍ରାୟତଃ ଅସ୍ପଷ୍ଟ ।

ପ୍ରତିରକ୍ଷା ବଳୟ : ଇରାନ ପ୍ରତିରକ୍ଷା ବଳୟ ମଧ୍ୟ ମନ୍ଦ ନୁହେଁ । ପ୍ରକ୍ସି ନେଟୱାର୍କ ମାଧ୍ୟମରେ ଇରାନ ନିଜ ଶତ୍ରୁଦେଶଗୁଡ଼ିକୁ ସବୁବେଳେ ବିପଦ ମଧ୍ୟରେ ରଖିଥାଏ । ଲେବାନନର ହିଜବୋଲ୍ଲା, ୟେମେନର ହୁତି.ଇରାକ ଓ ସିରିଆର ବିଭିନ୍ନ ମିଲିସିଆଙ୍କୁ ଇରାନ ସହାୟତା କରି ନିଜକୁ ସୁରକ୍ଷିତ ରଖି ଆସିଛି ।

ଯୁଦ୍ଧ ବ୍ୟୟ

ଇସ୍ରାଏଲ୍ ଓ ଆମେରିକା ଆକ୍ରମଣରେ ଯଦିଓ ଇରାନ ଏକ ଧ୍ୱଂସ ସ୍ତୁପରେ ପରିଣତ ହୋଇଛି, ତଥାପି ଆକ୍ରମଣକାରୀ ଇସ୍ରାଏଲ୍ ଓ ଆମେରିକାକୁ କମ୍ କ୍ଷତି ସହିବାକୁ ପଡ଼ିନାହିଁ । ଦୈନିକ ଯୁଦ୍ଧରେ ଶହ ଶହ କୋଟି ଡ଼ଲାର ବ୍ୟୟ ହେଉଛି ।

ଇସ୍ରାଏଲ

ଦୈନିକ ବ୍ୟୟ ୭୨୫ ନିୟୁତରୁ ୧୦୦୦ ନିୟୁତ ଡଲାର

ଯୁଦ୍ଧ ପାଇଁ ଇସ୍ରାଏଲ ଦୈନିକ ପ୍ରାୟ ୭୨୫ ନିୟୁତ ଡଲାର ବ୍ୟୟ କରୁଛି । ଆକ୍ରମଣ ଏବଂ ଆକ୍ରମଣାତ୍ମକ କୌଶଳ ପାଇଁ ପ୍ରତିଦିନ ପ୍ରାୟ ୫୯୩ ନିୟୁତ ଖର୍ଚ୍ଚ କରାଯାଉଛି ଓ ସାମରିକ ଗତିଶୀଳତା ଏବଂ ପ୍ରତିରକ୍ଷା ପଦକ୍ଷେପ ପାଇ ଦୈନିକ ବ୍ୟୟ ପ୍ରାୟ ୧୩୨ ନିୟୁତ । ଅନୁରୂପ ଭାବରେ କେବଳ କ୍ଷେପଣାସ୍ତ୍ର ବିରୋଧୀ ପ୍ରଣାଳୀ ପରିଚାଳନାର ଖର୍ଚ୍ଚ ପ୍ରତିଦିନ ୧୦ ନିୟୁତରୁ ୨୦୦ ନିୟୁତ ପର୍ଯ୍ୟନ୍ତ ଇସ୍ରାଏଲ୍ ବ୍ୟୟ କରୁଛି । ଇସ୍ରାଏଲୀ ଅର୍ଥ ମନ୍ତ୍ରଣାଳୟ ସୂତ୍ରରୁ ପ୍ରକାଶିତ ସୂଚନା ଅନୁସାରେ ଏହି ବ୍ୟୟଭାର ସପ୍ତାହରେ ୩ ବିଲିୟନ ଡଲାର କରାଯିବାକୁ ଚେଷ୍ଟା କରାଯାଉଛି । ଏପରିକି କିଛି ଭାରତୀୟ ଯୁଦ୍ଧ ବିଶେଷଜ୍ଞ ଇସ୍ରାଏଲ୍ ୫ ଦିନର ଲଢ଼େଇରେ ପ୍ରାୟ ୨୫ ହଜାର କୋଟି ସାମରିକ ଉପକରଣ ବ୍ୟବହାର କରିଥିବା ମତ ଦେଇଛନ୍ତି । ସେହିପରି ଇରାନ୍ ଆକ୍ରମଣରେ ଇସ୍ରାଏଲ୍ ସହରଗୁଡ଼ିକ ଗଭୀର ଭାବରେ କ୍ଷତିଗ୍ରସ୍ତ ହୋଇଛି । ଯାହାର ପୁନରୁଦ୍ଧାର ପାଇଁ ବିପୁଳ ଅର୍ଥ ଆବଶ୍ୟକ ।

ଆମେରିକା

ପ୍ରଥମ ଦିନର ବ୍ୟୟ ୭୭୯ ନିୟୁତ ଡଲାର

ଅପରେସନ୍ ଏପିକ୍ ଫ୍ୟୁରିର ପ୍ରଥମ ଦିନରେ ଆମେରିକା ପ୍ରାୟ ୭୭୯ ନିୟୁତ ଖର୍ଚ୍ଚ କରିଥିବା ଜଣାପଡ଼ିଛି । ଆକ୍ରମଣ ପୂର୍ବରୁ ନୌସେନା ଜାହାଜ ଏବଂ ବିମାନ ସ୍ଥାନାନ୍ତର ପାଇଁ ଅତିରିକ୍ତ ୬୩୦ ନିୟୁତ ଖର୍ଚ୍ଚ କରିଛି । ସେହିପରି ଜେରାଲ୍ଡ୍ ଆର୍ ଫୋଡର୍ ପରି ବିଶାଳ ବିମାନ ଓ ଯୁଦ୍ଧାସ୍ତ୍ରବାହୀ ଜାହାଜ ପରିଚାଳନା ପାଇଁ ଦୈନିକ ୬.୪ ନିୟୁତ ଡଲାର ବ୍ୟୟ କରୁଛି ଆମେରିକା । ଏହାବ୍ୟତୀତ ୨୦୨୩ ପରେ ଆମେରିକା ଇସ୍ରାଏଲକୁ ୨୧.୭ ବିଲିୟନରୁ ଅଧିକ ସାମରିକ ସହାୟତା ପ୍ରଦାନ କରିଛି । ଯଦିଓ ଇରାନ୍ ସିଧାସଳଖ ଆମେରିକାକୁ କ୍ଷତି ପହଂଚାଇବା ସମ୍ଭବ ନୁହେଁ, ତଥାପି ଆମେରିକା ଏ ପର୍ଯ୍ୟନ୍ତ ବିପୁଳ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି । ୩ଟି ଯୁଦ୍ଧ ବିମାନ ନଷ୍ଟ ହୋଇଥିବା ଆମେରିକା ସ୍ୱୀକାର କରିଛି, ଯାହାର ମୂଲ୍ୟ ପ୍ରାୟ ୩ ହଜାର କୋଟି ଟଙ୍କା । ଏହାବ୍ୟତୀତ ପଶ୍ଚିମ ଏସିଆର ବିଭିନ୍ନ ଦେଶରେ ଆମେରିକା ସାମରିକ ଘାଟିଗୁଡ଼ିକୁ ଇରାନ ଧ୍ୱଂସ କରିଛି ଓ ଏହା ଆମେରିକା ପାଇଁ ବେଶ୍ କ୍ଷତିକାରକ ହୋଇଛି ।

ଇରାନର କ୍ଷତି

୨୪ ବିଲିଅନ ଡଲାରରୁ ୩୫ ବିଲିଅନ ଡଲାର

ଆମେରିକା ଓ ଇସ୍ରାଏଲ୍ ଆକ୍ରମଣ ଯୋଗୁଁ ଇରାନ୍ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଗଭୀର କ୍ଷତିଗ୍ରସ୍ତ ହୋଇଛି । ୫ ଦିନର ଯୁଦ୍ଧରେ ଇରାନର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ୨୪ ବିଲିୟନରୁ ୩୫ ବିଲିୟନ କ୍ଷତି ସହିଛି । ଗୋଟିଏ ବୁଡ଼ାଜାହାଜ, ୧୨ଟି ଯୁଦ୍ଧ ଜାହାଜ ସହ ଇରାନ କିଛି ଯୁଦ୍ଧ ବିମାନ ମଧ୍ୟ ହରାଇଛି । ତେବେ ଇରାନର କେତୋଟି ବିମାନ ନଷ୍ଟ ହୋଇଛି, ତାହାର ସ୍ପଷ୍ଟ ସୂଚନା ମିଳିନାହିଁ । ଏପର୍ଯ୍ୟନ୍ତ ଇରାନ ଇସ୍ରାଏଲ୍ ଓ ଆମେରିକାର ସାମରିକ ଘାଟି ଉପରେ ଆକ୍ରମଣ ପାଇଁ ୫୦୦ କ୍ଷେପଣାସ୍ତ୍ର ବ୍ୟବହାର କରିଥିବା କୁହାଯାଉଛି । ଆମେରିକା ଓ ଇସ୍ରାଏଲୀ ଆକ୍ରମଣରେ ଇରାନର ପରମାଣୁ ଏବଂ ଶକ୍ତି ଭିତ୍ତିଭୂମିକୁ ଭୟଙ୍କର କ୍ଷତି ପହଞ୍ଚାଇଛି । ଫଳରେ ତୈଳ ରପ୍ତାନିରେ ତୀବ୍ର ହ୍ରାସ ଘଟିଛି । ଇରାନର ଜିଡ଼ିପି ପ୍ରାୟ ୩୮୦ ବିଲିଅନ ଡ଼ଲାର ଓ ଯୁଦ୍ଧ ଦେଶର ଜିଡ଼ିପିକୁ ୯% ହ୍ରାସ କରିଛି । ■

ଟ୍ୟାଙ୍କ ଓ ରକେଟ୍ ଲଞ୍ଚର

ଡ୍ରୋନ୍ ଶକ୍ତି

ଅପରେସନ୍ ଏପିକ୍ ଫ୍ୟୁରି

ଦୋଛକିରେ ଭାରତ

ସମରେନ୍ଦ୍ର ଦାସ
କାର୍ଯ୍ୟନିର୍ବାହୀ ସଂପାଦକ, 'ସକାଳ'

ପରମାଣୁ ଅସ୍ତ୍ର ପ୍ରସ୍ତୁତି କାର୍ଯ୍ୟକ୍ରମରୁ କ୍ଷାନ୍ତ ରହିବାକୁ ନେଇ ଇରାନ ଉପରେ ଆମେରିକାର ଚାପ ଓ ଜେନେଭାଠାରେ ନିକଟରେ କୂଟନୀତିକସ୍ତରୀୟ ଆଲୋଚନାରେ କୌଣସି ବୁଝାମଣା ନ ହୋଇ ପାରିବାରୁ ବିବାଦ ଉଗ୍ରରୂପ ନେଇଥିଲା । ଇରାନ ପରମାଣୁ ବୋମା ପ୍ରସ୍ତୁତିର ନିକଟତର ବୋଲି ଇସ୍ରାଏଲ୍ ଅଭିଯୋଗ କରିବା ସହ ଆମେରିକା ସହିତ ମିଶି ଆଗୁଆ କାର୍ଯ୍ୟାନୁଷ୍ଠାନ ଭାବେ ଗତ ଫେବୃଆରୀ ମାସ ୨୮ ତାରିଖରେ ଇରାନର ବିଭିନ୍ନ ଅଞ୍ଚଳରେ ବୋମା ମାଡ଼ କରିଥିଲା । ସିଆଇଏ ଓ

ମୋସାଦ୍‌ର ଗୁଇନ୍ଦା ତଥ୍ୟ ଆଧାରରେ ଏହି ସାମରିକ ଅଭିଯାନକୁ 'ଅପରେସନ୍ ରୋରିଂ ଲାୟନ୍' ବା 'ଅପରେସନ୍ ଏପିକ୍ ଫ୍ୟୁରି' ନାମ ଦିଆଯାଇଛି । ଏହି ଅପରେସନ୍‌ରେ ଇରାନର ସର୍ବୋଚ୍ଚ ନେତା ଆୟୋତଲା ଖାମେନେଇଙ୍କ ସମେତ ଅନ୍ୟୂନ ତିରିଶ ଜଣ ବରିଷ୍ଠ ରାଜନେତା ଓ ଅଧିକାରୀଙ୍କ ମୃତ୍ୟୁ ଘଟିଛି । ଏହି ଘଟଣା ପରିପ୍ରେକ୍ଷୀରେ ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ଇରାନରେ ଶାସନ ପରିବର୍ତ୍ତନ ଖୁବ୍ ଶୀଘ୍ର ବୋଲି ଘୋଷଣା କଲେ, କିନ୍ତୁ ଟ୍ରମ୍ପଙ୍କ ଆକଳନ ଏବେ ଭୁଲ୍ ପ୍ରମାଣିତ ହେବାକୁ ଯାଉଛି । ସାମରିକ କାର୍ଯ୍ୟାନୁଷ୍ଠାନର ପ୍ରତିଜବାବରେ ଇରାନ୍ ପକ୍ଷରୁ ଇସ୍ରାଏଲ୍ ସମେତ ବାହାରିନ୍, କୁଏତ୍, କାତାର୍, ସାଉଦି ଆରବ, ୟୁଏଇ, ଓମାନ୍, ଜୋର୍ଡାନ୍, ସାଇପ୍ରସ୍ ଭଳି ରାଷ୍ଟ୍ରଗୁଡ଼ିକ ଉପରେ ମିସାଇଲ୍ ଓ ଡ୍ରୋନ୍ ମାଡ଼ ଜାରି ରଖିଛି । ଏହି ଦେଶଗୁଡ଼ିକରେ ଥିବା ଆମେରିକୀୟ ସାମରିକ ଘାଟି ଓ ବ୍ୟାବସାୟିକ ପ୍ରତିଷ୍ଠାନ ଓ ତୈଳ ବିଶୋଧନାଗାର ଉପରେ ନିଶାଣ କରିଛି ଇରାନ୍ । ଏଭଳି ପରିସ୍ଥିତିରେ ପଶ୍ଚିମ ଏସିଆରେ ଅସ୍ଥିରତା ଦେଖା ଦେବା ସହିତ ସଂପୂର୍ଣ୍ଣ ମଧ୍ୟପ୍ରାଚ୍ୟ ଯୁଦ୍ଧର ବିଭୀଷିକା ମଧ୍ୟକୁ ଟାଣି ହୋଇଯାଇଛି । ଗତ ଏକ ସପ୍ତାହ ମଧ୍ୟରେ ଉଭୟ ପକ୍ଷର ଜୀବନହାନି ସହ କ୍ଷୟକ୍ଷତି ବଢ଼ିବାରେ ଲାଗିଛି । ଗତ ଜୁନ୍ ୨୨, ୨୦୨୫ରେ ଆମେରିକା-ଇସ୍ରାଏଲ୍ ଇରାନ୍ ଉପରେ ଆକ୍ରମଣ କରିଥିଲେ । ୧୨ ଦିନ ଧରି ଏହି କାର୍ଯ୍ୟାନୁଷ୍ଠାନରେ ଫରଦାଉ,ନାଟାଞ୍ଜ ଓ ଇସ୍ଫାହାନ୍ ଭଳି ଇରାନ୍‌ର ତିନିଟି ପ୍ରମୁଖ ପରମାଣୁ ଅସ୍ତ୍ର ପ୍ରସ୍ତୁତ କେନ୍ଦ୍ରକୁ ବୋମା ମାଡ଼ କରି ଧୂଳିସାତ୍ କରାଯାଇଛି ବୋଲି ଆମେରିକା ଦାବି କରିଥିଲା । ପ୍ରାୟ ଆଠ ମାସ ମଧ୍ୟରେ ପୁଣି ସମାନ ଅଭିଯୋଗରେ ଦ୍ୱିତୀୟ ବାର ଆକ୍ରମଣ । ଏଥର କିନ୍ତୁ ପୃଷ୍ଠଭୂମି ବଦଳିବା ସହ ଇରାନ୍‌ର ରଣନୀତିରେ ପରିବର୍ତ୍ତନ ଆମେରିକାର ଆକଳନକୁ ବିଭ୍ରାନ୍ତ କରିଛି ।

ଉଗ୍ର ସାମ୍ରାଜ୍ୟବାଦୀ ଚିନ୍ତାଧାରାର ଝଲକ ଭାବେ ଭେନେଜୁଏଲାରେ ଆମେରିକାର କାର୍ଯ୍ୟାନୁଷ୍ଠାନ ଓ ରାଷ୍ଟ୍ରପତି ନିକୋଲସ୍ ମାଦୁରୋଙ୍କୁ ନିଜ ଦେଶରୁ ଗିରଫ କରିବା ପରେ ଇରାନ୍‌ର ସର୍ବୋଚ୍ଚ ନେତା ଖାମେନେଇଙ୍କୁ ଗାଦିଚ୍ୟୁତ କରାଇବା ପାଇଁ ଆମେରିକାର ଲକ୍ଷ୍ୟ ରଖିଥିଲା । ଏହିକ୍ରମରେ ଗତ

ମୋଜତାବା

ଜାନୁଆରୀ ମାସରେ ଇରାନ୍‌ରେ ଦେଶବ୍ୟାପୀ ସରକାର ବିରୋଧୀ ଆନ୍ଦୋଳନ ଜୋର୍ ଧରିଥିଲା ଓ ଡୋନାଲଡ୍ ଟ୍ରମ୍ପ ଇରାନ୍‌ବାସୀଙ୍କୁ ଖାମେନେଇଙ୍କୁ ଗାଦିଚ୍ୟୁତ କରି ନୂଆ ଶାସନ ବ୍ୟବସ୍ଥା ସ୍ଥାପନ କରିବାକୁ ଆହ୍ୱାନ ଦେଇଥିଲେ । କିନ୍ତୁ ତାଙ୍କୁ ସଫଳତା ନ ମିଳିବାରୁ ସେ ଅଧିକ କ୍ଷୁବ୍ଧ ହେବା ସହ 'କଳେ ବଳେ କୌଶଳେ' ଏହାକୁ ସାକାର କରିବାର ପଣ ନେଇଛନ୍ତି । ମାତ୍ର ଟ୍ରମ୍ପଙ୍କୁ ଇରାନ୍‌ର ବଳିଷ୍ଠ ଶାସନଗତ ଢାଞ୍ଚା ଓ ନେତୃତ୍ୱର ଆଧାର ଚକିତ କରିଛି । ଖାମେନେଇଙ୍କ ନିଧନ ପରେ ଶାସନ ପରିବର୍ତ୍ତନ ସହଜ ହୋଇଯିବ ବୋଲି ଆମେରିକାର ଆକଳନ କ୍ରମେ ଭୁଲ୍ ବୋଲି ପ୍ରମାଣିତ ହେବାକୁ ଯାଉଛି । ନେତୃତ୍ୱ ପାଇଁ ଅଲ୍ଲା ରେଜା ଆରାଫିଙ୍କ ଭଳି ବହୁ ଅଭିଜ୍ଞ ନେତାଙ୍କ ଲମ୍ବା ତାଲିକା ଇରାନ୍ ପାଖରେ ଉପଲବ୍ଧ ରହିଛି । ତେବେ ଖାମେନେଇଙ୍କ ପୁତ୍ର ମୋଜତାବାଙ୍କୁ ଇରାନର ସର୍ବୋଚ୍ଚ ନେତା ଭାବେ ଘୋଷଣା କରାଯାଇଛି ।

ଏକ ସୁଚିନ୍ତିତ ରଣନୀତିର ପ୍ରତିଫଳନ ଭାବେ ଇରାନ୍ ଏଥର ମଧ୍ୟପ୍ରାଚ୍ୟର ସମସ୍ତ ରାଷ୍ଟ୍ରକୁ ଏହି ଯୁଦ୍ଧକୁ ଟାଣିଛି । ଏଥିରେ ଏହି ରାଷ୍ଟ୍ରଗୁଡ଼ିକର ରାଜତନ୍ତ୍ର ବିରୋଧରେ ଜନମତକୁ ଉଦ୍ରେକ କରିବା ସହ ଧାର୍ମିକ ଭାବନାକୁ ଉଗ୍ର କରିବାର ପ୍ରୟାସ କରିଛି । ଅନ୍ୟପକ୍ଷରେ ଇରାନ୍ 'ଅର୍ଥନୈତିକ ଯୁଦ୍ଧ'କୁ ପ୍ରମୁଖ ଅସ୍ତ୍ର କରିଛି । 'ହରମୁଜ୍ ପ୍ରଣାଳୀ'କୁ ବନ୍ଦ କରିଦେଇଛି ଇରାନ୍ । ଏହି ପଦକ୍ଷେପ ତୈଳ ପରିବହନକୁ ସିଧାସଳଖ ପ୍ରଭାବିତ କରିବ । ମଧ୍ୟପ୍ରାଚ୍ୟରେ ଯୁଦ୍ଧର ପରିସ୍ଥିତି ଯୋଗୁଁ ତୈଳ, ପ୍ରାକୃତିକ ଗ୍ୟାସ୍ ପରିବହନ ଓ ବିତରଣରେ ସଙ୍କଟ ସୃଷ୍ଟି ହେବା ସହ ବଜାରକୁ ଅସ୍ଥିର କରିବ । ଫଳରେ ଭାରତ ସମେତ ବିଶ୍ୱର ଅର୍ଥନୀତି ଉପରେ ଏହାର ନକାରାତ୍ମକ ପ୍ରଭାବ ପରିଲକ୍ଷିତ ହେବ ।

ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ସ୍ଥିତି ପରଖିବା ପରେ ଯୁଦ୍ଧ ବନ୍ଦ ନେଇ ଇରାନ୍‌କୁ ପରାମର୍ଶ ଦେଇଛନ୍ତି । କିନ୍ତୁ ସଂପ୍ରତି ଇରାନ୍ ଖାମେନେଇଙ୍କ ମୃତ୍ୟୁର ପ୍ରତିଶୋଧ ପାଇଁ ରକ୍ତମୁଖା ହୋଇଛି । ଏଣୁ ଆମେରିକାର ଯୁଦ୍ଧ ବନ୍ଦ ପ୍ରସ୍ତାବକୁ ଏଡ଼ାଇ ଯାଇଛି ଇରାନ୍ । ଅପରପକ୍ଷେ ଟ୍ରମ୍ପଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି । ନିଜ ଦେଶରେ ତାଙ୍କର ନିଷ୍ପତ୍ତିକୁ ନେଇ ବିରୋଧ ବଢ଼ିବାରେ ଲାଗିଛି । ଏପରିସ୍ଥିତିରେ ଟ୍ରମ୍ପ ନିଜ 'ଟୁଇଟର୍'ରେ କହିଛନ୍ତି "ଏହି ଯୁଦ୍ଧର ବିରାମ ପାଇଁ ଅତ୍ୟନ୍ତ ପକ୍ଷେ ଏକ ମାସ ଲାଗିବ ଓ ଇରାନ୍ ଏଯାବତ୍ ଯୁଦ୍ଧର ବଡ଼ ଝଟ୍‌କା ଦେଖି ନାହିଁ ଓ ଖୁବ୍ ଶୀଘ୍ର ଏହା ଘଟିବ । ଅନ୍ୟପକ୍ଷରେ ଏ ନେଇ ଆମେରିକା ସିନେଟ୍‌ରେ ଟ୍ରମ୍ପଙ୍କ ବିରୋଧରେ ପ୍ରସ୍ତାବ ଆଗତ ହୋଇଛି । ଯଦି ଏହି ପ୍ରସ୍ତାବ ପାରିତ ହୁଏ, ତେବେ ଟ୍ରମ୍ପଙ୍କୁ ନିଜ ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ପଡ଼ିବ ।

ହମାସ୍

'ସାହିଦ୍-୧୩୬' ଡ୍ରୋନ୍
'ସାହିଦ୍-୧୩୬' ଡ୍ରୋନ୍

ପ୍ରତିରକ୍ଷା ବିଶେଷଜ୍ଞମାନଙ୍କ ଅନୁଯାୟୀ ଇରାନ୍‌ର ସ୍ୱଦେଶୀ ନିର୍ମିତ 'ସାହିଦ୍-୧୩୬' ଡ୍ରୋନ୍ ଓ କ୍ରୁଜ୍ ଖୋରମ ଶାହର ହାଇପର୍ ବାଲାଷ୍ଟିକ୍ ମିଶାଇଲ୍ ସପ୍ତାହ ଧରି ଜାରି ରହିଥିବା ପ୍ରତ୍ୟାକ୍ରମଣରେ ଘାତକ ସାଜୁଛି । ଏପରିକି ଆମେରିକୀୟ ଯୁଦ୍ଧ ପୋତ ମଧ୍ୟ ଏଥିରେ ବ୍ୟଥାର କାରଣ ପାଲଟିଛି । ସେହିପରି ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ରହୁଥିବା ଆମେରିକୀୟ ନାଗରିକଙ୍କୁ ସ୍ୱଦେଶ ଫେରିବାକୁ କୁହାଯାଇଛି । ଇରାନ୍‌ର ପୃଷ୍ଠପୋଷକତାରେ ଚାଲୁଥିବା ହମାସ୍, ହେଜ୍‌ବୁଲ୍ଲା ଓ ହୁତୀ ଭଳି ସନ୍ତ୍ରାସବାଦୀ ସଂଗଠନଗୁଡ଼ିକ ଏବେ ସକ୍ରିୟ ଭାବେ ଇରାନ୍ ସପକ୍ଷରେ ଛାୟା ଯୁଦ୍ଧରେ ଲିପ୍ତ ରହିଛନ୍ତି । ଏହାର ସୁଦୂରପ୍ରସାରୀ ପ୍ରଭାବ ବିଶ୍ୱ ବ୍ୟାପୀ ପରିଲକ୍ଷିତ ହେବା ନିଶ୍ଚିତ । ଏଣୁ ଯୁଦ୍ଧର ଅବଧି ଅଧିକ ଲମ୍ବା ହେବ ବୋଲି ଆକଳନ କରାଯାଇଛି ।

ଏହି ଯୁଦ୍ଧ ଯେତେ ଅଧିକ ଦିନ ଯାଏଁ ଲାଗି ରହିବ ତାହା ଭାରତ ପାଇଁ ସମସ୍ୟା ସୃଷ୍ଟି କରିବା ସହ ଦେଶର ଅର୍ଥନୀତି ଚାପଗ୍ରସ୍ତ କରିବ । ଏଭଳି ସ୍ଥିତିରେ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଭାରତର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଛି । ଖାମେନେଇଙ୍କ ମୃତ୍ୟୁ ପରେ ସାରା ଭାରତ ବର୍ଷର ୯୮ ସହରରେ ଇସ୍ରାଏଲ ଓ ଆମେରିକା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ତେବେ ଭାରତ ପକ୍ଷରୁ ଆନୁଷ୍ଠାନିକ ଭାବେ ଖାମେନେଇଙ୍କ ମୃତ୍ୟୁର ୬ ଦିନ ପରେ ବୈଦେଶିକ ସଚିବ ବିକ୍ରମ ମିଶ୍ରି ଶୋକ ପ୍ରକାଶ କରିବା ସହ ଶୋକ ପୁସ୍ତିକାରେ ସ୍ୱାକ୍ଷର କରି ଦେଶ ପକ୍ଷରୁ ସମବେଦନା ଜଣାଇଛନ୍ତି । ସାଂପ୍ରତିକ ସ୍ଥିତିରେ ଭାରତ ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧକୁ ନେଇ କୌଣସି ଖୋଲାଖୋଲି ବାର୍ତ୍ତା ଦେବା ପକ୍ଷରେ ନାହିଁ । ଇରାନ୍ ସହିତ ଭାରତର ଘନିଷ୍ଠ ସାଂସ୍କୃତିକ, ବାଣିଜ୍ୟିକ ଓ କୂଟନୈତିକ ସଂପର୍କ ରହିଛି । ସେହିପରି ଇସ୍ରାଏଲକୁ ଭାରତ ବନ୍ଧୁ ରାଷ୍ଟ୍ର ଭାବେ ଗ୍ରହଣ କରିଛି । ଯୁଦ୍ଧ ଆରମ୍ଭ

ହେବାର ଦୁଇ ଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତେଲ ଅଭିବ୍ ଗସ୍ତ କରିଥିଲେ । ଏଣୁ ଆମେରିକା ଓ ଇସ୍ରାଏଲ୍‌ର ଇରାନ୍ ବିରୋଧରେ ଜାରି ରହିଥିବା ଏହି ସାମରିକ ଅଭିଯାନକୁ ଭାରତ ଖୋଲାଖୋଲି ବିରୋଧ କରିବା କୂଟନୈତିକ ଦୃଷ୍ଟିକୋଣରୁ ସମ୍ଭବପର ହୋଇପାରୁନାହିଁ । ଏପରିସ୍ଥିତିରେ 'ଅପରେସନ୍ ଏପିକ୍ ଫ୍ୟୁରି' ଦୃଷ୍ଟିରୁ ଦୋଛକିରେ ରହିଛି ଭାରତ ।

ଜାତୀୟ ସ୍ୱାର୍ଥ, ଆଞ୍ଚଳିକ ଓ ଅର୍ଥନୈତିକ ସ୍ଥିରତା ଭାରତକୁ କୌଣସି ପକ୍ଷରେ ମତ ରଖିବାରେ ବାଧକ ସାଜୁଛି । ଅନ୍ୟପକ୍ଷରେ ଆଞ୍ଚଳିକ ସ୍ଥିରତା ଓ ଶାନ୍ତି ପ୍ରତିଷ୍ଠା ନେଇ ଭାରତ ନିଜର ଉଦ୍ୟମ ଆରମ୍ଭ କରିଛି । ମଧ୍ୟ-ପ୍ରାଚ୍ୟ ଅଞ୍ଚଳରେ ପ୍ରାୟ ୯୦ ଲକ୍ଷ ଭାରତୀୟ ଅଛନ୍ତି ଏବଂ ସେମାନଙ୍କ ସ୍ୱାର୍ଥ ଓ ସୁରକ୍ଷା ଦେଶ ପାଇଁ ପ୍ରାଥମିକତା ପାଲଟିଛି । ଉଭୟ ଇରାନ୍ ଓ ଆମେରିକା ତଥା ଇସ୍ରାଏଲ୍ ସହିତ ଭାରତର ସଂପର୍କରେ ନିବିଡ଼ତା ଦୃଷ୍ଟିରୁ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ନିର୍ଣ୍ଣାୟକ ସାବ୍ୟସ୍ତ ହେବ ବୋଲି ବିଶ୍ୱ କୂଟନୈତିକ ମହଲ ଆକଳନ କରୁଛି । ■

ପ୍ରଦ୍ୟୁମ୍ନ କୁମାର ପଟ୍ଟନାୟକ

ମଧ୍ୟପ୍ରାଚ୍ୟ ସଙ୍କଟ

ସଂପ୍ରତି ବିଶ୍ୱର ସବୁଠାରୁ ଧ୍ୟାନ ଆକର୍ଷଣକାରୀ ସମ୍ବାଦ, ମଧ୍ୟ-ପ୍ରାଚ୍ୟ ସଙ୍କଟ । ଜେନେଭାରେ ଇରାନ ଏବଂ ଆମେରିକା ମଧ୍ୟରେ ପରମାଣୁ ଆଲୋଚନା ବିଫଳ ହେବା ପରେ ଇସ୍ରାଏଲ ଏବଂ ଆମେରିକାର ମିଳିତ ଭାବେ ଇରାନ ଉପରେ ଅଚାନକ ଆକ୍ରମଣ ସାରା ବିଶ୍ୱକୁ ସ୍ତବ୍ଧ କରି ଦେଇଛି । ସେହି ଆକ୍ରମଣକୁ ପ୍ରତିରୋଧ କରିବାକୁ ଇରାନ ମଧ୍ୟ ପ୍ରତିଶୋଧ ପରାୟଣ ହୋଇଯାଇଛି ।

ବିଭିନ୍ନ କାରଣ ଏବଂ ମତଭେଦ ଯୋଗୁଁ ୨୮ ଫେବୃୟାରୀ ୨୦୨୬ରେ ଉଭୟ ଆମେରିକା ଏବଂ ଇସ୍ରାଏଲ ଇରାନ ଉପରେ ମିଳିତ ଭାବେ ଆକ୍ରମଣ କରିଛନ୍ତି ।

ଯୁଦ୍ଧର କାରଣ

ମଧ୍ୟ-ପ୍ରାଚ୍ୟରେ ଏ ସଂଘର୍ଷ ଦୀର୍ଘଦିନର ପରମାଣୁ ବିବାଦ ଏବଂ ଆଞ୍ଚଳିକ ଉତ୍ତେଜନାର ପରିଣାମ ବୋଲି କୁହାଯାଇପାରେ। ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲର ମିଳିତ ଆକ୍ରମଣ ଏବଂ ତେହେରାନ୍ ପକ୍ଷରୁ ତା'ର ପ୍ରଚଣ୍ଡ ପ୍ରତି ଆକ୍ରମଣ ସମସାମୟିକ ବିଶ୍ୱ ରାଜନୀତିରେ ଅଧିକ ଆଲୋଚ୍ୟ ବିଷୟ। ଆରବ ଜଗତ ଏବଂ ମଧ୍ୟ ପ୍ରାଚ୍ୟରେ ଇରାନ ଏବଂ ଉଦୀୟମାନଶକ୍ତି ନିଜର ସାମରିକ, ବୈଜ୍ଞାନିକ, ବୈଷୟିକ କାର୍ଯ୍ୟକ୍ରମ ଏବଂ ତୈଳଭିତ୍ତିକ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଯୋଗୁଁ ଏହାର ବିକାଶ ବିଶେଷ ଭାବେ ପରିଲକ୍ଷିତ। ଆରବ ରାଷ୍ଟ୍ରମାନଙ୍କ ସ୍ୱାର୍ଥ ପାଇଁ ଏହା ଅଗ୍ରଣୀ ଭୂମିକା ଗ୍ରହଣ କରିବା ସହ ଇସ୍ରାଏଲ୍ ଏବଂ ଆମେରିକାର ମୁକାବିଲା କରିବାକୁ ଚାହୁଁଥିଲା । ଆରବ ତୈଳ ସମ୍ପଦକୁ ସାମ୍ରାଜ୍ୟବାଦୀ ଏବଂ ଲୋଭୀ ଆମେରିକା କବଳରୁ ସୁରକ୍ଷିତ କରିବାକୁ ଲଢୁଥିଲା। ସେଥିପାଇଁ ନିଜର ଆଣବିକ କାର୍ଯ୍ୟକ୍ରମ ବି ଜାରି ରଖିଥିଲା। ଟ୍ରମ୍ପ କିନ୍ତୁ ନିଜ ରାଷ୍ଟ୍ରର ସ୍ୱାର୍ଥ ପାଇଁ ଇରାନ ଶାସନତନ୍ତ୍ରର ପରିବର୍ତ୍ତନ ଚାହୁଁଥିଲେ। ସମସ୍ତଙ୍କୁ ଜଣା ଇରାନ ଆଣବିକ ଶକ୍ତିର ଅଧିକାରୀ ହେଲେ ମଧ୍ୟ-ପ୍ରାଚ୍ୟ ଏବଂ ଆରବରେ ଆମେରିକାର ପ୍ରଭାବ ହ୍ରାସ ପାଇବ ଏବଂ ଇସ୍ରାଏଲ ପ୍ରତି ବିପଦ ବଢ଼ିବ । ତେଣୁ ଇରାନରେ ଚାଲିଥିବା ଧର୍ମତନ୍ତ୍ରର ଅବସାନ ଘଟାଇବାକୁ ଟ୍ରମ୍ପ ଚେଷ୍ଟିତ ଥିଲେ।

ଇରାନର ପରମାଣୁ କାର୍ଯ୍ୟକ୍ରମକୁ ଆମେରିକା ମୂଳରୁ ବିରୋଧ କରି ଆସୁଛି । ବାରମ୍ବାର ପ୍ରତିଶ୍ରୁତି ଦେଇ ମଧ୍ୟ ଇରାନ ପରମାଣୁ ଶକ୍ତିର ଦୁରୂପଯୋଗ କରି ଆସୁଛି । ୧୯୭୯ ମସିହାରୁ ୪୭ ବର୍ଷ ଧରି ଇରାନ ଏହି କାର୍ଯ୍ୟକ୍ରମ ଚଳାଇ ଆସୁଛି । ଏହି ଯୁଦ୍ଧ ନିର୍ଣ୍ଣାୟକ ହେବା ସହ ମଧ୍ୟ-ପ୍ରାଚ୍ୟରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ସହିତ ଏହି ଅଞ୍ଚଳ ପରମାଣୁ ଯୁଦ୍ଧ ଆଶଙ୍କା ମୁକ୍ତ ହେବ ବୋଲି ଟ୍ରମ୍ପ କହିଛନ୍ତି । ଇରାନ ଗୁପ୍ତରେ ପରମାଣୁ ଅସ୍ତ୍ର ନିର୍ମାଣ କରୁଥିବାର ସୂଚନା ପାଇବା ପରେ ଆମେରିକା ତା'ର ବିରୋଧ କରିଥିଲା । ନିଜର ପରମାଣୁ କାର୍ଯ୍ୟକ୍ରମରୁ ବାତିଲ କରିବାକୁ ଆମେରିକା ଇରାନ ଉପରେ ଚାପ ପକାଇ ଆସୁଥିଲା । ଏଥିପାଇଁ ଆର୍ଥିକ କଟକଣା ମଧ୍ୟ ଲଗାଇଥିଲେ । ଏହା ସତ୍ତ୍ୱେ ଇରାନ ପରମାଣୁ କାର୍ଯ୍ୟକ୍ରମରୁ ବିରତ ହେଲା ନାହିଁ। ଗତବର୍ଷ ଆମେରିକା ଇରାନ ଉପରେ ଏୟାର ଷ୍ଟ୍ରାଇକ୍ ବି କରିଥିଲା । ସେଥିପାଇଁ ଇରାନ ଆମେରିକା ବିରୋଧୀ ଆଭିମୁଖ୍ୟକୁ ଆହୁରି କଠୋର କରିଛି ।

ଆତଙ୍କବାଦୀ କାର୍ଯ୍ୟକଳାପ

ଇରାନ କେବଳ ପରମାଣୁ କାର୍ଯ୍ୟକ୍ରମ ଚାଲୁ ରଖିନାହିଁ। ଏହା ଲେବାନନ, ସିରିଆ, ୟେମେନ, ଇରାକ ଆଦି ଦେଶରେ ଆତଙ୍କବାଦୀମାନଙ୍କୁ ସହାୟତା ଦେବା ସହ ପ୍ରୋତ୍ସାହିତ କରୁଛି। ସେଥିପାଇଁ ଆମେରିକା ଯୁଦ୍ଧ ଘୋଷଣା କରିଛି। ଗତ ବର୍ଷ ମଧ୍ୟ ଇରାନରେ ଜନଆନ୍ଦୋଳନ ହୋଇଥିଲା। ଏହାକୁ ଇରାନ ସରକାର କ୍ରୂରତାର ସହ ଦମନ କରିଥିଲେ। ସେ ସମୟରେ ସଂଘର୍ଷ ଯୋଗୁଁ ୫୦୦୦ରୁ ଅଧିକ ବ୍ୟକ୍ତି ପ୍ରାଣ ହରାଇଥିଲେ ଏବଂ ୧୦,୦୦୦ରୁ ଅଧିକ ବନ୍ଦୀ ହୋଇଥିଲେ। ଏହି ସମୟରେ ରାଷ୍ଟ୍ରପତି ଟ୍ରମ୍ପ ତୁରନ୍ତ ଦମନମୂଳକ ନୀତି ବନ୍ଦ କରିବା ଲାଗି ଚେତାବନୀ ଦେଇଥିଲେ। ଏବେ ସମୟ ଆସିଛି ଇରାନବାସୀ ଦେଶରୁ ମୌଳବାଦୀ ସରକାରଙ୍କୁ ଖତମ କରି ଦେଶର ଶାସନ କ୍ଷମତା ନିଜ ହାତକୁ ନେବା ଉଚିତ ବୋଲି ଟ୍ରମ୍ପ କହିଛନ୍ତି ।

ବିବାଦର ଐତିହାସିକ ପୃଷ୍ଠଭୂମି

ମଧ୍ୟ-ପ୍ରାଚ୍ୟର ସଂଘର୍ଷ ଯେତିକି ପୁରାତନ ସେତିକି ଜଟିଳ। ଏହା ବହୁ ଦିନରୁ ଚାଲି ଆସିଥିବା ଭୌଗୋଳିକ ସୀମା, ସୁରକ୍ଷା ଏବଂ ରାଜନୈତିକ ସାର୍ବଭୌମତ୍ୱ ଉପରେ ପର୍ଯ୍ୟବସିତ, ଯାହା ଇସ୍ରାଏଲ ଏବଂ ପାଲେଷ୍ଟାଇନକୁ ନେଇ କେନ୍ଦ୍ରୀଭୂତ । ବିବାଦର ମୁଖ୍ୟ ବିଷୟଗୁଡ଼ିକ ହେଲା ଜେରୁ ଜେଲମ୍, ୱେଷ୍ଟବ୍ୟାଙ୍କରେ ବସତି ସ୍ଥାପନ, ଶରଣାର୍ଥୀଙ୍କ ଅଧିକାର ଏବଂ ଜଳ ଉପରେ ଅଧିକାର ।

ସଂଘର୍ଷର ମୁଖ୍ୟ କାରଣ

ଆରବ ଏବଂ ଇସ୍ରାଏଲ ମଧ୍ୟରେ ଦୀର୍ଘଦିନ ଧରି ଚାଲି ଆସୁଥିବା ବିବାଦର ମୁଖ୍ୟ କାରଣଗୁଡ଼ିକ ହେଲା ଭୂଅଧିକାର, ଜେରୁ ଜେଲମ୍, ବିବାଦୀୟ ଅଞ୍ଚଳରେ ଜନବସତି, ପାଲେଷ୍ଟାଇନ୍ ସୁରକ୍ଷା ଏବଂ ଜଳ ଅଧିକାର ।

ଭୂବିବାଦ

ପାଲେଷ୍ଟିନିଆନମାନେ ଚାହାଁନ୍ତି ୱେଷ୍ଟବ୍ୟାଙ୍କ, ଗାଜା ଏବଂ ଜେରୁଜେଲମ୍‌କୁ ନେଇ ଗୋଟିଏ ସ୍ୱାଧୀନ ରାଷ୍ଟ୍ର । ଇସ୍ରାଏଲ କିନ୍ତୁ ଏ ସବୁ ଅଞ୍ଚଳକୁ ନିଜ ଅଧୀନକୁ ନେଇ ସେଠାରେ ନିଜର ଜନବସତି ସ୍ଥାପନ କରିବା ସହ ନିର୍ମାଣ କାର୍ଯ୍ୟ ଚଳାଇଛି ।

- **ଜେରୁ ଜେଲମ** : ଉଭୟ ପକ୍ଷ ଜେରୁ ଜେଲମ୍ ଏବଂ ତାର ପାଖାପାଖି ଧାର୍ମିକ ସ୍ଥାନଗୁଡ଼ିକୁ ନିଜର ବୋଲି ଦାବି କରନ୍ତି ।
- **ଜନବସତି** : ଇସ୍ରାଏଲ ଦ୍ୱାରା ଅଧିକୃତ ୱେଷ୍ଟ ବ୍ୟାଙ୍କରେ ଚାଲିଥିବା ଜନବସତି ଏବଂ ନିର୍ମାଣ କାର୍ଯ୍ୟ ଶାନ୍ତିସ୍ଥାପନ ପଥରେ ପ୍ରତିବନ୍ଧକ ।
- **ବିସ୍ଥାପନ** : ୧୯୪୮ ମସିହାରେ ଲକ୍ଷ ଲକ୍ଷ ବାସଚ୍ୟୁତ ହୋଇଥିବା ପାଲେଷ୍ଟିନିଆଙ୍କର ଫେରିବାର ଅଧିକାର ଏଯାଏ ସାବ୍ୟସ୍ତ ହୋଇପାରିନାହିଁ।
- **ସୁରକ୍ଷା**: ଇସ୍ରାଏଲ ନିଜର ସୁରକ୍ଷା ପ୍ରଶ୍ନ ଉଠାଇବା ବେଳେ ପାଲେଷ୍ଟିନିଆନମାନେ ସେମାନଙ୍କ ଅଞ୍ଚଳର ସ୍ୱାଧୀନତା ଏବଂ ସୀମାନିୟନ୍ତ୍ରଣ ଚାହାଁନ୍ତି ।
- **ଜଳ ଅଧିକାର** : ମୁଖ୍ୟ ଜଳସ୍ରୋତଗୁଡ଼ିକ ଉପରେ ଅଧିକାର ଦୁଇପକ୍ଷ ମଧ୍ୟରେ ବିବାଦର ଅନ୍ୟ ଏକ କାରଣ ।

ଉପରୋକ୍ତ ଐତିହାସିକ, ରାଜନୈତିକ ଏବଂ ଭୌଗଳିକ କାରଣଗୁଡ଼ିକ ଯୋଗୁଁ ଇସ୍ରାଏଲ ଏବଂ ପାଲେଷ୍ଟାଇନ୍ ମଧ୍ୟରେ ଦୀର୍ଘକାଳୀନ ସଂଘର୍ଷ ଚାଲିଥିବାବେଳେ ଏବେ ସେ ମଧ୍ୟକୁ ପ୍ରବେଶ କରିଯାଇଛନ୍ତି ଇରାନ ଏବଂ ଆମେରିକା । ମଧ୍ୟ-ପ୍ରାଚ୍ୟ ସଂଘର୍ଷକୁ ନେଇ ଏଭଳି ଅନେକ କାରଣ ରହିଛି । ■

ଇସ୍ରାଏଲ-ପାଲେଷ୍ଟାଇନ ସଂଘର୍ଷ

୧୯୪୮ ମସିହା ପରଠାରୁ ଇସ୍ରାଏଲ ଏବଂ ପାଲେଷ୍ଟାଇନ ମଧ୍ୟରେ ଭୌଗୋଳିକ ସୀମା, ବିସ୍ଥାପନ ଏବଂ ୱେଷ୍ଟବ୍ୟାଙ୍କ ଏବଂ ଗାଜା ଅଧିଗ୍ରହଣକୁ ନେଇ ବିବାଦ ଲାଗି ରହିଛି । ପ୍ରଥମ ବିଶ୍ୱଯୁଦ୍ଧ ପରେ ବ୍ରିଟିଶ ଦ୍ୱାରା ନିୟନ୍ତ୍ରିତ ପାଲେଷ୍ଟାଇନ ଉଭୟ ଇହୁଦୀମାନଙ୍କର ମାତୃଭୂମି ଏବଂ ଆରବୀ ଜାତୀୟତାକୁ ପ୍ରାଧାନ୍ୟ ଦେଉଥିଲା । ୧୯୪୭ ମସିହାରେ ୟୁନାଇଟେଡ ନେସନ୍ ଦ୍ୱାରା ପ୍ରସ୍ତାବିତ ଭୌଗୋଳିକ ବିଭାଜନକୁ ଇହୁଦୀମାନେ ଗ୍ରହଣ କରିଲେ, କିନ୍ତୁ ଆରବ ନେତାମାନେ ପ୍ରତ୍ୟାଖ୍ୟାନ କରିଦେଲେ । ୧୯୪୮ରେ ଇସ୍ରାଏଲର ସ୍ୱାଧୀନତା ଘୋଷଣା ନେଇ ଆରବ ରାଜ୍ୟ ଆକ୍ରମଣ କଲେ । ଯୁଦ୍ଧ ଶେଷରେ ଇସ୍ରାଏଲ ବିଭାଜନ ପ୍ରସ୍ତାବଠାରୁ ଅଧିକ ଭୂଭାଗ ନିଜ ଅଧୀନକୁ ନେବା ଫଳରେ ପ୍ରାୟ ୭ଲକ୍ଷ ପାଲେଷ୍ଟିଆନ ସ୍ଥାନଚ୍ୟୁତ ହୋଇଗଲେ ।

- ୧୯୬୭ରେ ଘଟିଥିବା ସଂଘର୍ଷ ପରେ ଇସ୍ରାଏଲ୍ ୱେଷ୍ଟବ୍ୟାଙ୍କ, ଇଷ୍ଟ ଜେରୁଜେଲମ୍ ଏବଂ ଗାଜା ଷ୍ଟ୍ରିପ୍‌କୁ ନିଜ ଅଧୀନକୁ ନେଇ ଯାଇଥିଲା ।
- ୧୯୯୦ ମସିହାରେ ଓସ୍ଲୋ ଚୁକ୍ତି ଅନୁଯାୟୀ ପାଲେଷ୍ଟାଇନ୍‌ର ସ୍ୱୟଂଶାସନ ନିମିତ୍ତ ପାଲେଷ୍ଟାଇନ ମୁକ୍ତି ସଂଘ ଗଠନ କରାଯାଇଥିଲା । ସେ କିନ୍ତୁ ଦୀର୍ଘକାଳୀନ ଶାନ୍ତି ସ୍ଥାପନ କରିପାରିଲା ନାହିଁ।
- ୨୦୦୭ ମସିହାଠାରୁ ଇସ୍ରାଏଲ ଏବଂ ହମାସ ଆଦି ପାଲେଷ୍ଟିନିଆନ ସାମରିକ ସଂଗଠନମାନଙ୍କ ମଧ୍ୟରେ ସଂଘର୍ଷ ଲାଗି ରହିଛି ଯାହା ଏଯାଏ ଅମୀମାଂସିତ ।

୧୦୧, ପ୍ରକାଶ ଦୀପ ଟାୱାର
ଜୟଦୁର୍ଗା ନଗର, ଭୁବନେଶ୍ୱର-୬,
ମୋ: ୯୯୬୮୨୮୦୮୯୬

ଡା. ରାଜ କିଶୋର ପଣ୍ଡା

ଭାରତ ଉପରେ ଯୁଦ୍ଧର ପ୍ରଭାବ

ଆମେରିକା ଓ ଇସ୍ରାଏଲ୍ ମିଳିତ ଭାବରେ ଫେବୃୟାରୀ ଅଠେଇଶ ତାରିଖରେ ଇରାନ ଉପରେ ଆକ୍ରମଣ କରି ଏହାର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖାମେନେଇ ଓ ତାଙ୍କ ପରିବାରବର୍ଗଙ୍କୁ ହତ୍ୟା କରିବା ପରଠାରୁ ମଧ୍ୟ-ପ୍ରାଚ୍ୟ ତଥା ସମଗ୍ର ବିଶ୍ୱ, ବାରୁଦ ଗଦା ଉପରେ ବସିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଏହା ବାଟ କଢ଼ାଇ ନେବ ବୋଲି ବିଶ୍ୱରାଜନୀତିର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି । ଏହି ସଂଘର୍ଷ ଏବେ ଥମିବାର କୌଣସି ଲକ୍ଷଣ ଦିଶୁ ନାହିଁ ବରଂ ଆମେରିକା ଓ ଇସ୍ରାଏଲ୍, ଇରାନକୁ କ୍ରମାଗତ ଭାବରେ ଦୁର୍ବଳ କରିବା ପାଇଁ ଏହି ଯୁଦ୍ଧକୁ ଲମ୍ବା ସମୟ ପର୍ଯ୍ୟନ୍ତ ଟାଣିବେ । ଏଣୁ ଭାରତ ପାଇଁ ମଧ୍ୟ ଏହି ଯୁଦ୍ଧ ବହୁତ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଡାକି ଆଣୁଛି ।

ଷ୍ଟେଟ୍ ଅଫ୍ ହୋରମୁଜ୍ ସମସ୍ୟା

ମଧ୍ୟପ୍ରାଚ୍ୟ ଯୁଦ୍ଧ ଆରମ୍ଭ ହେବାର କିଛିଦିନ ଆଗରୁ ପରୀକ୍ଷାମୂଳକ ଭାବେ ଏକ ସମରାଭ୍ୟାସରେ ଇରାନର ନୌସେନା "ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ ନାଭି" ଏହି ଷ୍ଟେଟ୍ ଅଫ୍ ହୋରମୁଜ୍‌କୁ କିଛି ଘଣ୍ଟା ପାଇଁ ବନ୍ଦ କରିଥିଲା । ଉଦ୍ଦେଶ୍ୟ ଥିଲା ନୂଆ ପ୍ରତିରକ୍ଷା ଡକଟ୍ରାଇନ୍‌କୁ ପରୀକ୍ଷା କରିବା ତଥା ବିଶ୍ୱକୁ ଇରାନ୍‌ର ସାମର୍ଥ୍ୟ ବିଷୟରେ ସୂଚନା ଦେବା । ପ୍ରତିଦିନ ପାଖାପାଖି କୋଡ଼ିଏ ମିଲିଅନ୍ ବ୍ୟାରେଲରୁ ଅଧିକ ଅଶୋଧିତ ତୈଳର ରପ୍ତାନୀ ଏହି ବାଟ ଦେଇ ହୋଇଥାଏ । ଯାହାକି ସମଗ୍ର ବିଶ୍ୱର ତୈଳ ରପ୍ତାନୀର ପଚିଶ ପ୍ରତିଶତ । ଭାରତ ସକାଶେ ଏହି ପଥର ମହତ୍ତ୍ୱ ଆହୁରି ବେଶି, କାରଣ ଦେଶର ପଚାଶ ପ୍ରତିଶତରୁ ଅଧିକ ତୈଳ ଆମଦାନି ଏହି ମାର୍ଗ ଦେଇ ହୋଇଥାଏ । ଯଦି ଦୀର୍ଘ ସମୟ ପାଇଁ ଇରାନ ଏହାକୁ ବନ୍ଦ କରେ ତେବେ ସମଗ୍ର ବିଶ୍ୱ ବିଶେଷ କରି ଭାରତରେ ତୈଳର ମୂଲ୍ୟ ବଢ଼ିବ । ରକ୍ଷା ବିଶେଷଜ୍ଞମାନେ ଯଦିଓ ଏକଥାରେ ସନ୍ଦିହାନ ଅଛନ୍ତି କି, ଦୀର୍ଘକାଳ ପର୍ଯ୍ୟନ୍ତ ଷ୍ଟ୍ରେଟ୍ ଅଫ୍ ହୋରମୁଜ୍‌କୁ ବନ୍ଦ କରି ରଖିବାର କ୍ଷମତା ଇରାନ୍ ପାଖରେ ଅଛି, ଆମେ କିନ୍ତୁ ଏକଥା ଭୁଲିବା ଉଚିତ୍ ନୁହେଁ, ଇରାନ୍‌ର ନୌବାହିନୀ ସୁବିକଶିତ ଓ ଚାଇନା ଦ୍ୱାରା ପ୍ରଦତ୍ତ ଅତ୍ୟାଧୁନିକ ଯୁଦ୍ଧ ବୁଡ଼ାଜାହାଜ ଏହା ପାଖରେ ଅଛି । କେବଳ ଅଶୋଧିତ ତୈଳ ନୁହେଁ, ଏହା ଏକ ପ୍ରମୁଖ ନୌବାଣିଜ୍ୟ ପଥ ହୋଇଥିବାରୁ ଅନ୍ୟାନ୍ୟ ଦ୍ରବ୍ୟର ମଧ୍ୟ ମୂଲ୍ୟବୃଦ୍ଧି ହେବାର ଆଶଙ୍କା କରାଯାଉଛି ।

ଭାରତୀୟଙ୍କ ସୁରକ୍ଷା ଚିନ୍ତା

ପାଖାପାଖି ଏକ କୋଟି ଭାରତୀୟ, ମଧ୍ୟପ୍ରାଚ୍ୟରେ ନିଜର ବୃତ୍ତି ଓ ବ୍ୟବସାୟ ହେତୁ ଅବସ୍ଥାନ କରୁଛନ୍ତି । ସେମାନଙ୍କୁ ସୁରକ୍ଷିତ ଭାବରେ ଦେଶକୁ ଫେରାଇ ଆଣିବା ବର୍ତ୍ତମାନ ଏକ ବଡ଼ ଚ୍ୟାଲେଞ୍ଜ । ଏହି ସମସ୍ୟା ପରିପ୍ରେକ୍ଷୀରେ ଆମେ ସ୍ମୃତି ଚାରଣ କରି ପାରିବା ଭାରତ ସରକାରଙ୍କର ଏକ ଅତ୍ୟନ୍ତ ସାହସିକ ପଦକ୍ଷେପକୁ । ୧୯୯୦ ମସିହାରେ ଗଲଫ୍ ଯୁଦ୍ଧରେ ଯେତେବେଳେ ସଦ୍ଦାମ ହୁସେନ୍ କୁଏତ୍ ଆକ୍ରମଣ କରିଥିଲେ, ସେଠାରେ ଥିବା ଏକଲକ୍ଷ ସତୁରୀ ହଜାର ଭାରତୀୟଙ୍କୁ ଏୟାର ଇଣ୍ଡିଆ ୪୮୮ ଟି ଫ୍ଲାଇଟ୍‌ରେ ଅଣଷଠି ଦିନରେ ଉଦ୍ଧାର କରି ଏକ ରେକର୍ଡ କରିଥିଲା ଓ ଗିନିଜ୍ ବୁକ୍‌ରେ ସ୍ଥାନ ପାଇଥିଲା ।

ବିମାନ ଯାତାୟାତରେ ସମସ୍ୟା

ଭାରତରୁ ଲକ୍ଷାଧିକ ପର୍ଯ୍ୟଟକ, ତୀର୍ଥଯାତ୍ରୀ ଓ ଅନ୍ୟାନ୍ୟ ବୃତ୍ତିଧାରୀ ବ୍ୟକ୍ତି ପ୍ରତିଦିନ ବିମାନଯୋଗେ ମଧ୍ୟପ୍ରାଚ୍ୟ ଅଞ୍ଚଳକୁ ଯାଇଥାନ୍ତି । ଇଉରୋପକୁ ଯିବା ପାଇଁ ମଧ୍ୟ ଭାରତୀୟ ବିମାନ ମଧ୍ୟପ୍ରାଚ୍ୟ ଆକାଶମାର୍ଗକୁ ବ୍ୟବହାର କରିଥାଏ । ଏହି ସମୟରେ ଇରାନ୍ ଯୁଦ୍ଧ ଯୋଗୁଁ ସୁରକ୍ଷା ଜନିତ କାରଣରୁ ମଧ୍ୟପ୍ରାଚୀୟ ମାର୍ଗକୁ ବ୍ୟବହାର ନ କରିବା ପାଇଁ ଡି.ଜି.ସି.ଏ. ମାର୍ଗ ଦର୍ଶିକା ଜାରି କରିଛି । ପାକିସ୍ତାନ ଆକାଶ ମାର୍ଗ ମଧ୍ୟ ଚିରାଚରିତ ଭାବେ ଭାରତର ବ୍ୟବହାର ପାଇଁ ବନ୍ଦ । ତେଣୁ ବିମାନ ଚଳାଚଳ ବ୍ୟବସ୍ଥା ବର୍ତ୍ତମାନ ଭାରତ ପାଇଁ ଗମ୍ଭୀର ସମସ୍ୟା ସୃଷ୍ଟି କରିଛି ।



ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟବୃଦ୍ଧି

ଭାରତ ପ୍ରତିବର୍ଷ ପ୍ରାୟ ୫.୬ ମିଲିଅନ୍ ଟନ୍ ଡାଲିର ଆମଦାନୀ କରିଥାଏ । ଏଗୁଡ଼ିକ ମୁଖ୍ୟତଃ କାନାଡ଼ା ଓ ଆଫ୍ରିକୀୟ ଦେଶରୁ ଆସିଥାଏ । ଯଦି ଇରାନ ସଙ୍କଟ ଏକ ସପ୍ତାହରୁ ଅଧିକ ସମୟଲାଗିରହିବ, ତେବେ ପରିବହନରେ ବାଧା ଯୋଗୁଁ ଦେଶରେ ଡାଲିର ମୂଲ୍ୟ ବଢ଼ିବାର ସମ୍ଭାବନା ରହିଛି । ସେହିପରି ଭାରତରୁ ଇରାନକୁ ବାସମତୀ ଚାଉଳର ରପ୍ତାନୀରେ ମଧ୍ୟ ବାଧା ଉପୁଜିବ । ସାବୁନ୍, ସାମ୍ପୋ, କ୍ରିମ୍, ବିଭିନ୍ନ ପ୍ରକାରର ସୌଖିନ ତୈଳ, ବଟଲ ଓ ଟ୍ୟୁବ୍ ଆଦିର ନିର୍ମାଣରେ ପେଟ୍ରୋକେମିକାଲ ରାସାୟନିକର ବହୁଳ ଉପଯୋଗ ଥାଏ । ଗୃହ ନିର୍ମାଣରେ ବ୍ୟବହୃତ ହେଉଥିବା ରଙ୍ଗରେ ମଧ୍ୟ ଏହି ପେଟ୍ରୋକେମିକାଲ୍‌ର ବ୍ୟାପକ ବ୍ୟବହାର ହୋଇଥାଏ । ତେଣୁ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ଘଟିଲେ ପେଟ୍ରୋକେମିକାଲ ଦ୍ରବ୍ୟର ମଧ୍ୟ ମୂଲ୍ୟବୃଦ୍ଧି ହେବ ।

ସେୟାର୍ ମାର୍କେଟ୍ ଉପରେ ପ୍ରଭାବ

ଯୁଦ୍ଧ ଯୋଗୁଁ ବୈଶ୍ୱିକ ତଥା ଭାରତୀୟ ସେୟାର ମାର୍କେଟ ଉପରେ ଏକ ବଡ଼ ପ୍ରଭାବ ପଡ଼ିପାରେ । ଲକ୍ଷ୍ୟକଲେ ଆମେ ଜାଣି ପାରିବା ଯେ ଆମେରିକା ଓ ଇରାନ ମଧ୍ୟରେ କଥାବାର୍ତ୍ତା ଆରମ୍ଭ ହେବା ସମୟରୁ ହିଁ ବିଗତ ଏକ ସପ୍ତାହ ମଧ୍ୟରେ ଭାରତୀୟ ସେୟାର ମାର୍କେଟର ସୂଚକାଙ୍କ 'ସେନ୍‌ସେକ୍ସ' ପାଖାପାଖି ତିନି ହଜାର ପଏଣ୍ଟ ତଳକୁ ଖସିଛି । ନିକଟ ଭବିଷ୍ୟତରେ ଏହା ଆହୁରି ଖସିବାର ଆଶଙ୍କା କରାଯାଉଛି । ବିଦେଶୀ ତଥା ଭାରତୀୟ ନିବେଶକମାନେ ବିପୁଳ ପରିମାଣରେ ସେୟାର ବିକ୍ରି କରୁଥିବାରୁ ଏପରି ପରିସ୍ଥିତି ଉପୁଜିଛି । ଏହା ମନେପକାଇ ଦେଉଛି ୨୦୨୦ ମସିହାର କୋଭିଡ୍ ବେଳର ଷ୍ଟକ ମାର୍କେଟ୍ ଅବସ୍ଥାକୁ । ତାହା ମଧ୍ୟ ଏହି ମାର୍ଚ୍ଚ ମାସରେ ହିଁ ହୋଇଥିଲା । ସେୟାରକୁ ବିକ୍ରୟ କରି ନିବେଶକମାନେ ଅପେକ୍ଷାକୃତ ସୁରକ୍ଷିତ ସୁନାରେ ନିବେଶ କରୁଥିବାରୁ ସମଗ୍ର ବିଶ୍ୱ ତଥା ଭାରତରେ ସୁନାର ଚାହିଦା ଓ ମୂଲ୍ୟରେ ବୃଦ୍ଧି ଘଟିବ । ଏହି କାରଣରୁ ଖାମେନେଇଙ୍କ ମୃତ୍ୟୁପରେ ସୋମବାର ଦିନ ବୈଶ୍ୱିକ ସ୍ୱର୍ଣ୍ଣ ଦାମ୍‌ରେ ଦୁଇ ପ୍ରତିଶତ ବୃଦ୍ଧି ଘଟିଛି ବୋଲି ସମ୍ବାଦ ସରବରାହ ସଂସ୍ଥା ରଏଟର୍ସ ଦର୍ଶାଇଛି । ଏହାର ଅନ୍ୟଏକ କାରଣ ହେଉଛି ଘମାଘୋଟ ଯୁଦ୍ଧ ହେତୁ ଦୁବାଇରୁ ପ୍ଲେନ୍ ଯୋଗେ ସୁନା ରପ୍ତାନୀରେ ମଧ୍ୟ ବାଧା ସୃଷ୍ଟି ହେଉଛି ।

ବିଭିନ୍ନ ସମସ୍ୟାଗୁଡ଼ିକ ସତ୍ତ୍ୱେ, ଇରାନ୍ ଆମେରିକା ଯୁଦ୍ଧରେ ଭାରତ ସପକ୍ଷରେ କିଛି ମଜବୁତ୍ ଆର୍ଥିକ କାରଣ ଅଛି, ଯାହାଫଳରେ ଭାରତ ଏହାଦ୍ୱାରା ବିଶେଷ ପ୍ରଭାବିତ ହେବ ନାହିଁ ବୋଲି ଆଶା କରାଯାଏ । ପ୍ରଥମ କାରଣ ହେଉଛି ବର୍ତ୍ତମାନ ସମୟରେ ଭାରତର ସୁଦୃଢ଼ ଗ୍ରାମୀଣ ଅର୍ଥବ୍ୟବସ୍ଥା । ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଭାରତ ଏକ ବଳକା ଦେଶ ଓ ସମ୍ପ୍ରତି ଅଶୀ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ମାଗଣା ଶସ୍ୟ ପ୍ରଦାନ କରାଯାଉଛି । ସେହିପରି ଏବେ ଭାରତ ପାଖରେ ପ୍ରାୟ ଅଶି ଦିନ ପାଇଁ ତୈଳ ମହଜୁଦ୍ ଅଛି । ଆଗରୁ ଭାରତ ସତେଇଶିଟି ଦେଶରୁ ତୈଳର ଆମଦାନୀ କରୁଥିବା ବେଳେ ଏବେ ଅଣଚାଳିଶଟି ଦେଶରୁ ଆମଦାନି କରୁଛି । ତେଣୁ ଇରାନ ଯୁଦ୍ଧ ପରିପ୍ରେକ୍ଷୀରେ ଭାରତ ପାଖରେ ତୈଳପାଇଁ ବିକଳ୍ପର ଅଭାବ ନାହିଁ । ତେଣୁ ଆମେ ଆଶା କରିପାରିବ ଯେ ଉପରୋକ୍ତ କାରଣଗୁଡ଼ିକ ଅସ୍ତ୍ର ଭାବରେ ବ୍ୟବହାର କରି ଭାରତ ଏହି ସଙ୍କଟମୟ ପରିସ୍ଥିତିକୁ ଅତିକ୍ରମ କରିପାରିବ । ■

ଡକ୍ଟର ସୁଶାନ୍ତ କୁମାର ପରିଡ଼ା

ଭାରତ-ଇରାନ ସମ୍ପର୍କ

ଆଜିର ବିଶ୍ୱ ରାଜନୀତି ଏକ ନୂଆ ପରିବର୍ତ୍ତନର ଦିଶାରେ ପ୍ରବେଶ କରିଛି । ମହାଶକ୍ତିମାନ ଦେଶଗୁଡ଼ିକର ପ୍ରତିସ୍ପର୍ଦ୍ଧା, ଉର୍ଜା ସଙ୍କଟ, ଯୁଦ୍ଧ ଓ ଅଞ୍ଚଳୀୟ ସଂଘର୍ଷ ବିଶ୍ୱ ବ୍ୟବସ୍ଥାକୁ ଅସ୍ଥିର କରିଦେଇଛି । ଏହି ପରିପ୍ରେକ୍ଷୀରେ ଭାରତ ଓ ଇରାନ ସମ୍ପର୍କ ପୁନର୍ବାର ଆନ୍ତର୍ଜାତୀୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁକୁ ଆସୁଛି । ଭାରତ ପାଇଁ ଇରାନ କେବଳ ଏକ ତେଲ ଯୋଗାଣକାରୀ ଦେଶ ନୁହେଁ; ଏହା ପଶ୍ଚିମ ଏସିଆ, ମଧ୍ୟ ଏସିଆ ଓ ଇଉରୋପ ସହ ସଂଯୋଗର ଏକ ରଣନୀତିକ ଦ୍ୱାର । ସେହିପରି ଇରାନ ପାଇଁ ଭାରତ ହେଉଛି ଏକ ବିଶ୍ୱସନୀୟ ଓ ସନ୍ତୁଳିତ ଭାଗୀଦାର । ଆଜି ପଶ୍ଚିମ ଏସିଆ ଅଞ୍ଚଳ ଅନେକ ସଂଘର୍ଷର କେନ୍ଦ୍ର ହୋଇପଡ଼ିଛି । ଇରାନ ଓ ଆମେରିକା-ଇସ୍ରାଏଲ୍ ମଧ୍ୟରେ ଯୁଧ, ଗାଜା ସଙ୍କଟ, ଆମେରିକାର ସାମରିକ ଉପସ୍ଥିତି ଓ ଚୀନର ବୃଦ୍ଧିଶୀଳ ପ୍ରଭାବ ଏକ ନୂଆ ଶକ୍ତି ସମୀକରଣ ସୃଷ୍ଟି କରୁଛି ।

ଐତିହାସିକ ସମ୍ପର୍କ

ଭାରତ-ଇରାନ ସମ୍ପର୍କର ମୂଳ ଆଧୁନିକ ରାଜନୈତିକ ସମ୍ପର୍କରୁ ଅଧିକ ପୁରାତନ ସଭ୍ୟତାଗତ ଓ ସାଂସ୍କୃତିକ ଯୋଗାଯୋଗରେ ନିହିତ ଅଟେ । ପ୍ରାଚୀନ କାଳରୁ ଭାରତୀୟ ଉପମହାଦେଶ ଓ ପର୍ସିଆ ଅଞ୍ଚଳ ମଧ୍ୟରେ ବ୍ୟବସାୟିକ, ସାମାଜିକ ଓ ବୌଦ୍ଧିକ ସମ୍ପର୍କ ଗଢ଼ି ଉଠିଥିଲା । ସିନ୍ଧୁ ଉପତ୍ୟକା ସଭ୍ୟତା ସମୟରୁ ମଧ୍ୟ ଉଭୟ ଅଞ୍ଚଳ ମଧ୍ୟରେ ବାଣିଜ୍ୟିକ ଆଦାନ-ପ୍ରଦାନ ଓ ସମୁଦ୍ର ମାର୍ଗ ଯୋଗାଯୋଗ ରହିଥିବାର ପ୍ରମାଣ ମିଳେ । ଆର୍ଯ୍ୟ ସଂସ୍କୃତିର ଉତ୍ସ ସମ୍ପର୍କରେ ମଧ୍ୟ ଭାରତ ଓ ପର୍ସିଆର ଐତିହାସିକ ସମ୍ପର୍କ ଉଲ୍ଲେଖ ମିଳେ, ଯାହା ଭାଷା ଓ ଧାର୍ମିକ ଧାରଣାର ସାଦୃଶ୍ୟରେ ପ୍ରତିଫଳିତ ହୋଇଛି । ସଂସ୍କୃତ ଓ ପର୍ସିଆ ଭାଷାର ଅନେକ ଶବ୍ଦ, ଧ୍ୱନି ଓ ବ୍ୟାକରଣ ଗଠନରେ ମିଳିତ ଲକ୍ଷଣ ଦେଖାଯାଏ, ଯାହା ଉଭୟ ସଭ୍ୟତାର ଆନ୍ତରିକ ସମ୍ପର୍କକୁ ସୂଚିତ କରେ । ମଧ୍ୟଯୁଗରେ ଦିଲ୍ଲୀ ସୁଲତାନ ଓ ପରବର୍ତ୍ତୀ ମୋଗଲ୍ ଶାସନକାଳରେ ପର୍ସିଆ ଭାଷା ଭାରତର ପ୍ରଶାସନ, ଅଦାଲତ ଓ ସାହିତ୍ୟର ପ୍ରମୁଖ ଭାଷା ଭାବେ ପରିଚିତ ହୋଇଯାଇଥିଲା । ମୋଗଲ୍ ଦରବାରରେ ଅନେକ ଇରାନୀ କବି, ଚିତ୍ରଶିଳ୍ପୀ, ସଙ୍ଗୀତଜ୍ଞ ଓ ପଣ୍ଡିତମାନେ ଆସି ଭାରତୀୟ ସାହିତ୍ୟ, କଳା ଓ ସ୍ଥାପତ୍ୟକଳାକୁ ସମୃଦ୍ଧ କରିଥିଲେ । ତାଜମହଲ୍ ସହିତ ଅନେକ ମୋଗଲ୍ ସ୍ଥାପତ୍ୟରେ ପର୍ସିଆ ଶୈଳୀର ସ୍ପଷ୍ଟ ପ୍ରଭାବ ଦେଖାଯାଏ । ସୁଫି ପରମ୍ପରା ଓ ଆଧ୍ୟାତ୍ମିକ ଚିନ୍ତାଧାରା ମାଧ୍ୟମରେ ମଧ୍ୟ ଉଭୟ ସମାଜ ମଧ୍ୟରେ ସାଂସ୍କୃତିକ ସମ୍ପର୍କ ଅଧିକ ଗଭୀର ହୋଇଥିଲା । ଭାରତ–ଇରାନ ସମ୍ପର୍କକୁ ବୁଝିବା ପାଇଁ କେବଳ ଭୂରାଜନୀତିକ ଦୃଷ୍ଟିକୋଣ ନୁହେଁ, ସଭ୍ୟତାଗତ ଏହି ଦୀର୍ଘ ଐତିହାସିକ ଧାରାକୁ ମଧ୍ୟ ଅନୁଭବ କରିବା ଆବଶ୍ୟକ ।

ସ୍ୱାଧୀନତା ପରେ ଭାରତ-ଇରାନ କୂଟନୀତିକ ସମ୍ପର୍କ

ସ୍ୱାଧୀନତା ପରବର୍ତ୍ତୀ ଯୁଗରେ ଭାରତ-ଇରାନ ସମ୍ପର୍କ ଏକ ନୂଆ କୂଟନୀତିକ ପରିଚୟ ଗଢ଼ିଉଠିଲା । ୧୯୪୭ ମସିହାରେ ସ୍ୱାଧୀନତା ପାଇବା ପରେ ଭାରତ ନିଜ ବିଦେଶ ନୀତିରେ ଗୋଷ୍ଠୀ ନିରପକ୍ଷତାକୁ ମୂଳ ଆଧାର ଭାବେ ଗ୍ରହଣ କଲା, ଯାହା ଶୀତଳ ଯୁଦ୍ଧ ସମୟରେ ଆମେରିକା ଓ ସୋଭିଏତ ଶିବିର ମଧ୍ୟରେ ସନ୍ତୁଳନ ରଖିବାକୁ ଉଦ୍ଦିଷ୍ଟ ଥିଲା । ଏହାର ବିପରୀତରେ ସେତେବେଳେ ଇରାନ ପଶ୍ଚିମ ଶକ୍ତି, ବିଶେଷକରି ଆମେରିକା ଓ ପଶ୍ଚିମ ମିତ୍ରଦେଶମାନଙ୍କ ସହ ନିକଟ କୌଶଳଗତ ସମ୍ପର୍କ ରଖିଥିଲା । ତଥାପି ଭୂରାଜନୀତିକ ଭିନ୍ନତା ସତ୍ତ୍ୱେ ଉଭୟଦେଶ ପରସ୍ପର ସହଯୋଗକୁ ଜାରି ରଖିଥିଲେ, ଯାହା ଦୁଇପକ୍ଷୀୟ ବିଶ୍ୱାସର ପ୍ରତୀକ ଥିଲା । ଏହି ସମୟରେ ଭାରତର ଉର୍ଜା ଆବଶ୍ୟକତା ବୃଦ୍ଧି ପାଇବା ସହିତ ଇରାନରୁ ତେଲ ଆମଦାନି ଆରମ୍ଭ ହେଲା ଏବଂ ଇରାନ ଭାରତର ଏକ ମୁଖ୍ୟ ଉର୍ଜା ସହଯୋଗୀ ଭାବେ ଉଭୟ ଦେଶର ଆର୍ଥିକ ସମ୍ପର୍କକୁ ମଜଭୁତ କଲା । ବ୍ୟବସାୟ, ପେଟ୍ରୋଲିୟମ ଓ ପରିବହନ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଲା ଏବଂ ଦୁଇ ଦେଶ ମଧ୍ୟରେ ଉଚ୍ଚସ୍ତରୀୟ ରାଜନୈତିକ ସଂଳାପ ଆରମ୍ଭ ହେଲା । ଭାରତ ଏକ ସନ୍ତୁଳିତ ବିଦେଶ ନୀତି ଅନୁସରଣ କରି ପଶ୍ଚିମ ଦେଶଗୁଡ଼ିକ ସହ ସମ୍ପର୍କ ରଖିଥିବା ସମୟରେ ପଶ୍ଚିମ ଏସିଆର ଦେଶମାନଙ୍କ ସହ ମଧ୍ୟ ନିକଟତା ବଜାୟ ରଖିଲା । ଏହା ଭାରତକୁ ଏକ ସ୍ୱାଧୀନ ଓ ବିଶ୍ୱସନୀୟ କୂଟନୀତିକ ଶକ୍ତି ଭାବେ ପରିଚିତ କରାଇଲା ।

ବିପ୍ଳବ ପରେ ଭାରତ-ଇରାନ ସମ୍ପର୍କ

୧୯୭୯ ମସିହାର ଇସ୍‌ଲାମିକ୍ ବିପ୍ଳବ ଇରାନର ଆଭ୍ୟନ୍ତରୀଣ ରାଜନୀତି ସହିତ ସମଗ୍ର ପଶ୍ଚିମ ଏସିଆର ଭୂରାଜନୀତିକ ପରିସ୍ଥିତିକୁ ମୂଳରୁ ପରିବର୍ତ୍ତନ କରିଦେଲା । ଶାହ ଶାସନର ପତନ ପରେ ଆୟାତୋଲ୍ଲା ଖାମେନେଇଙ୍କ ନେତୃତ୍ୱରେ ଇରାନ ଏକ ଇସ୍ଲାମିକ ଗଣତନ୍ତ୍ର ଭାବେ ଉଭୟ ଦେଶର ବିଦେଶ ନୀତିକୁ ନୂଆ ଦିଗ ଦେଲା । ବିଶେଷକରି ଆମେରିକା ବିରୋଧୀ ନୀତି ଓ ପଶ୍ଚିମ ଶକ୍ତି ସହ ଟଣା ଟଣି ବୃଦ୍ଧି ପାଇବାରୁ ଇରାନ ଆନ୍ତର୍ଜାତୀୟ ରାଜନୀତିରେ କିଛି ପର୍ଯ୍ୟନ୍ତ ଅଲଗା ହୋଇପଡ଼ିଲା ଏବଂ ତା'ପରେ ଅର୍ଥନୈତିକ ପ୍ରତିବନ୍ଧ ଲାଗୁ ହେଲା । ଏହି ପରିସ୍ଥିତିରେ ଅନେକ ଦେଶ ଇରାନ ସହ ସମ୍ପର୍କ କମାଇଦେଇଥିବା ବେଳେ ଭାରତ ଏକ ସନ୍ତୁଳିତ ଓ ସ୍ୱାଧୀନ ବିଦେଶ ନୀତି ଅନୁସରଣ କରି ସମ୍ପର୍କକୁ ଭଙ୍ଗ କରିନଥିଲା । ଭାରତ ବୁଝିଥିଲା ଯେ ଇରାନ କେବଳ ଏକ ଆଞ୍ଚଳିକ ଶକ୍ତି ନୁହେଁ, ବରଂ ଉର୍ଜା ସୁରକ୍ଷା ଓ ପଶ୍ଚିମ ଏସିଆର କୌଶଳଗତ ସନ୍ତୁଳନ ପାଇଁ ଗୁରୁତ୍ୱପୂର୍ଣ୍ଣ ଦେଶ । ସେହିପରି ଦୁଇ ଦେଶ ମଧ୍ୟରେ

କୂଟନୀତିକ ସଂଯୋଗ ଓ ରାଜନୈତିକ ସଂଳାପ ଅବିରତ ରହିଲା । ଭାରତ ଇରାନରୁ ତେଲ ଆମଦାନି ଜାରି ରଖି ଉର୍ଜା ସହଯୋଗକୁ ଅବ୍ୟାହତ କଲା, ଯାହା ପରସ୍ପର ଆର୍ଥିକ ନିର୍ଭରତାକୁ ମଜବୁତ କରିଲା । ଏହି ଦୃଷ୍ଟିକୋଣ ଭାରତର ବୈଦେଶିକ ନୀତିର ପ୍ରାଗମାଟିକ ଓ ସ୍ୱାଧୀନ ସ୍ୱଭାବକୁ ପ୍ରକାଶ କରେ, କାରଣ ଭାରତ କୌଣସି ଶକ୍ତିଗତ ଚାପରେ ପଡ଼ିନାହିଁ ଓ ନିଜ ଜାତୀୟ ସ୍ୱାର୍ଥକୁ ପ୍ରାଥମିକତା ଦେଇଥିଲା । ୧୯୭୯ ପରବର୍ତ୍ତୀ ସମୟ ଏହିପରି ଭାବେ ଭାରତ–ଇରାନ ସମ୍ପର୍କରେ ପରୀକ୍ଷାର ଏକ ଅବଧି ହେଲେ ମଧ୍ୟ, ଏହା ଦୁଇ ଦେଶର ଦୀର୍ଘକାଳୀନ ବିଶ୍ୱାସ ଓ କୌଶଳଗତ ସହଯୋଗକୁ ଅଧିକ ସୁଦୃଢ଼ କରିଥିଲା ।

ଆମେରିକୀୟ ପ୍ରତିବନ୍ଧ ଓ ଭାରତର କୂଟନୀତିକ ସନ୍ତୁଳନ

ଆମେରିକା ଦ୍ୱାରା ଇରାନ ଉପରେ ଆର୍ଥିକ ଓ ବାଣିଜ୍ୟିକ ପ୍ରତିବନ୍ଧ ଲାଗୁ ହେବା ପରେ ଭାରତର ବିଦେଶ ନୀତି ସମ୍ମୁଖୀନ ହେଲା ଏକ ଜଟିଳ କୂଟନୀତିକ ଦ୍ୱନ୍ଦ୍ୱରେ । ଏକ ପଟେ ଆମେରିକା ସହ ଭାରତର ବୃଦ୍ଧିଶୀଳ ରଣନୀତିକ, ଆର୍ଥିକ ଓ ପ୍ରତିରକ୍ଷା ସମ୍ପର୍କ ଥିଲା, ଯାହା ଭାରତର ଇଣ୍ଡୋ–ପ୍ୟାସିଫିକ ନୀତି ଓ ବୈଶ୍ୱିକ ସୁରକ୍ଷା ଦୃଷ୍ଟିକୋଣ ପାଇଁ ଗୁରୁତ୍ୱପୂର୍ଣ୍ଣ । ଅନ୍ୟପଟେ ଇରାନ ଭାରତର ଉର୍ଜା ସୁରକ୍ଷା, ଆଞ୍ଚଳିକ ସଂଯୋଗ ଓ ପଶ୍ଚିମ ଏସିଆର କୌଶଳଗତ ସ୍ୱାର୍ଥ ପାଇଁ ଅତ୍ୟାବଶ୍ୟକ ସହଯୋଗୀ ଥିଲା । ଏହି ପରିସ୍ଥିତିରେ ଭାରତକୁ ତିନୋଟି ମୁଖ୍ୟ ସନ୍ତୁଳନ ରଖିବାକୁ ପଡ଼ିଲା- ଆମେରିକା ସହ ରଣନୀତିକ ଭାଗୀଦାରିକୁ କ୍ଷତିଗ୍ରସ୍ତ ନ କରିବା, ଇରାନ ସହ ଉର୍ଜା ଓ ଚାବାହାର ପ୍ରକଳ୍ପ ସହଯୋଗକୁ ଜାରି ରଖିବା, ଏବଂ ସମଗ୍ର ମଧ୍ୟପୂର୍ବ ଅଞ୍ଚଳରେ ଥିବା ଭାରତୀୟଆର୍ଥିକ ଓ ପ୍ରବାସୀ ସ୍ୱାର୍ଥକୁ ସୁରକ୍ଷିତ କରିବା । ପ୍ରତିବନ୍ଧ ହେତୁ ଭାରତକୁ କେତେକ ସମୟରେ ଇରାନରୁ ତେଲ ଆମଦାନି କମାଇବାକୁ ପଡ଼ିଥିଲେ ମଧ୍ୟ, ଭାରତ ଚାବାହାର ବନ୍ଦର ପରି କୌଶଳଗତ ପ୍ରକଳ୍ପକୁ ଜାରି ରଖିବା ପାଇଁ ବିଶେଷ କୂଟନୀତିକ ପଦକ୍ଷେପ ନେଇଥିଲା । ଏହା ଭାରତର ବିଦେଶ ନୀତିର ପ୍ରାଗମାଟିକ, ସ୍ୱାଧୀନ ଓ ବହୁମୁଖୀ ଚରିତ୍ରକୁ ପ୍ରକାଶ କରେ, ଯେଉଁଠାରେ ଭାରତ କୌଣସି ଏକ ଶକ୍ତି ଶିବିରରେ ସୀମିତ ନ ହୋଇ ନିଜ ଜାତୀୟ ସ୍ୱାର୍ଥ ଆଧାରରେ ସନ୍ତୁଳିତ କୂଟନୀତି ଅନୁସରଣ କରିଛି ।

ଭାରତର ଉର୍ଜା ସୁରକ୍ଷାରେ ଇରାନର ଭୂମିକା

ଭାରତର ଦ୍ରୁତ ଆର୍ଥିକ ବିକାଶ ଓ ଶିଳ୍ପାୟନ ପ୍ରକ୍ରିୟା ସହିତ ଦେଶର ଉର୍ଜା ଆବଶ୍ୟକତା ଲଗାତାର ବୃଦ୍ଧି ପାଇଛି । ବିଶ୍ୱର ଏକ ବୃହତ୍ ଉର୍ଜା ଆମଦାନିକାରୀ ଦେଶ ଭାବେ ଭାରତ ପାଇଁ ନିରାପଦ ଓ ସ୍ଥିର ତେଲ ଯୋଗାଣ ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଛି । ଏହି ପରିପ୍ରେକ୍ଷୀରେ ଇରାନ ଭାରତର ଉର୍ଜା ସୁରକ୍ଷାରେ ଏକ ରଣନୀତିକ ସହଯୋଗୀ ଭାବେ ରହିଆସିଛି । ଭୌଗୋଳିକ ନିକଟତା ଓ ପର୍ସିଆ ଉପସାଗର ମାର୍ଗର ସୁବିଧା ହେତୁ ଇରାନରୁ ଭାରତକୁ ତେଲ ପରିବହନ ଅନ୍ୟାନ୍ୟ ଦୂର ଦେଶଗୁଡ଼ିକ ତୁଳନାରେ ସହଜ ଓ କମ ଖର୍ଚ୍ଚସାଧ ଥିଲା । ଇରାନ ଭାରତକୁ ଅନେକ ସମୟରେ ସହଜ ଦେୟ ପ୍ରଣାଳୀ, ରିହାତି ମୂଲ୍ୟ ଓ ଦୀର୍ଘମିଆଦୀ ଚୁକ୍ତିର ସୁବିଧା ଦେଇଥିବାରୁ ଏହି ସମ୍ପର୍କ ଅଧିକ ମଜଭୁତ ହୋଇଥିଲା । ଭାରତର ରିଫାଇନେରୀଗୁଡ଼ିକ ମଧ୍ୟ ଇରାନୀ ଅଶୋଧିତ ତୈଳ ପାଇଁ ଉପଯୁକ୍ତ ଥିବାରୁ ଆମଦାନି ପ୍ରକ୍ରିୟା ଆର୍ଥିକ ଭାବେ ଲାଭଜନକ ହୋଇଥିଲା । ଏହା ଫଳରେ ଉଭୟ ଦେଶ ମଧ୍ୟରେ କେବଳ ଉର୍ଜା ବାଣିଜ୍ୟ ନୁହେଁ, ବରଂ ବ୍ୟାପକ ଆର୍ଥିକ ଓ କୌଶଳଗତ ସହଯୋଗର ଏକ ଦୃଢ଼ ଭିତି ଗଢ଼ିଉଠିଲା । ଉର୍ଜା ସହଯୋଗ ଭାରତ–ଇରାନ ସମ୍ପର୍କକୁ ପରସ୍ପର ନିର୍ଭରତାର ଏକ ମଜଭୁତ ଆଧାର ଦେଇଛି, ଯାହା କୂଟନୀତିକ ସମ୍ପର୍କକୁ ମଧ୍ୟ ସ୍ଥିରତା ପ୍ରଦାନ କରିଛି । ଆନ୍ତର୍ଜାତୀୟ ପ୍ରତିବନ୍ଧ ଓ ଭୂରାଜନୀତିକ ଚାପ ସତ୍ତ୍ୱେ ଭାରତ ଇରାନକୁ ଏକ ବିଶ୍ୱସନୀୟ ଉର୍ଜା ଭାଗୀଦାର ଭାବେ ଦେଖିଆସିଛି, କାରଣ ଉର୍ଜା ସୁରକ୍ଷା ଭାରତର ଆର୍ଥିକ ବିକାଶ ଓ ଜାତୀୟ ସ୍ୱାର୍ଥ ସହ ସିଧାସଳଖ ଭାବେ ସଂପୃକ୍ତ ।

ଭାରତର Multi-Alignment କୂଟନୀତି

ପଶ୍ଚିମ ଏସିଆର ଜଟିଳ ଭୂରାଜନୀତିକ ପରିସ୍ଥିତି ମଧ୍ୟରେ ଭାରତ ଏକ ଅଦ୍ୱିତୀୟ ଓ ସନ୍ତୁଳିତ କୂଟନୀତିକ ମଡେଲ୍ ଗଢ଼ିଉଠିଛି, ଯାହାକୁ ଆଜି "Multi-Alignment Diplomacy" ଭାବେ ପରିଚିତ କରାଯାଏ । ପରମ୍ପରାଗତ ଭାବେ ଅନେକ ଦେଶ ଏହି ଅଞ୍ଚଳରେ କୌଣସି ଏକ ଶକ୍ତି ଶିବିରକୁ ପସନ୍ଦ କରିଥିବା ବେଳେ, ଭାରତ ତାହାର ବିପରୀତ ଭାବରେ ସମସ୍ତ ପକ୍ଷ ସହ ସମ୍ପର୍କ ବଜାୟ ରଖିବାର ନୀତି ଅନୁସରଣ କରିଛି । ଭାରତ ଇସ୍ରାଏଲ୍ ସହ ଉନ୍ନତ ପ୍ରତିରକ୍ଷା ପ୍ରଯୁକ୍ତି, ଗୁପ୍ତଚର ସହଯୋଗ ଓ ସୁରକ୍ଷା ଭାଗୀଦାରିକୁ ଶକ୍ତିଶାଳୀ କରିଥିବା ବେଳେ, ସେହି ସମୟରେ ଇରାନ ସହ ଉର୍ଜା ସହଯୋଗ, ଚାବାହାର ବନ୍ଦର ଓ ଆଞ୍ଚଳିକ ସଂଯୋଗ ପ୍ରକଳ୍ପକୁ ଜାରି ରଖିଛି । ଏହା ସହିତ ସାଉଦି ଆରବ, ୟୁଏଇ ଓ ଅନ୍ୟାନ୍ୟ ଆରବ ଦେଶମାନଙ୍କ ସହ ଭାରତ ଶକ୍ତିଶାଳୀ ଆର୍ଥିକ, ଉର୍ଜା ଓ ପ୍ରବାସୀ କୈନ୍ଦ୍ରିକ ସମ୍ପର୍କ ଗଢ଼ିଛି । ଏହି ସନ୍ତୁଳନ ନୀତି ଭାରତକୁ ଅଞ୍ଚଳୀୟ ଦ୍ୱନ୍ଦ୍ୱରୁ ଦୂରେ ରଖି ଏକ ବିଶ୍ୱସନୀୟ ଓ ସ୍ୱାଧୀନ କୂଟନୀତିକ ଶକ୍ତି ଭାବେ ପରିଚିତ କରାଇଛି ।

ଚାବାହାର ବନ୍ଦର : ଭାରତର କୌଶଳଗତ ଦ୍ୱାର

ଚାବାହାର ବନ୍ଦର ଭାରତ-ଇରାନ ସମ୍ପର୍କରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ରଣନୀତିକ ପ୍ରକଳ୍ପ ଭାବେ ପରିଚିତ, ଯାହା ଭାରତର ପଶ୍ଚିମ ଏସିଆ ଓ ମଧ୍ୟ ଏସିଆ ନୀତିକୁ ଏକ ନୂଆ ଦିଗ ଦେଇଛି । ଇରାନର ଦକ୍ଷିଣ–ପୂର୍ବ ଉପକୂଳରେ ଅବସ୍ଥିତ ଏହି ବନ୍ଦର ଭାରତ ପାଇଁ କେବଳ ବାଣିଜ୍ୟିକ ପ୍ରକଳ୍ପ ନୁହେଁ, ବରଂ ଏକ ଭୂରାଜନୀତିକ ଗେମ୍ ଚେଞ୍ଜର୍ ଭାବେ ଦେଖାଯାଏ । ଦୀର୍ଘଦିନ ଧରି ପାକିସ୍ତାନ ମାର୍ଗର ରାଜନୈତିକ ବାଧା ହେତୁ ଭାରତ ଆଫଗାନିସ୍ତାନ ଓ ମଧ୍ୟ ଏସିଆ ସହ ସିଧାସଳଖ ସଂଯୋଗ ସ୍ଥାପନ କରିପାରୁନଥିଲା । ଚାବାହାର ବନ୍ଦର ଏହି ସମସ୍ୟାର ଏକ କୌଶଳଗତ ସମାଧାନ ଦେଇ ଭାରତକୁ ପାକିସ୍ତାନକୁ ଏଡ଼ାଇ ସମୁଦ୍ର ଓ ସ୍ଥଳପଥ ମାଧ୍ୟମରେ ଆଫଗାନିସ୍ତାନ ସହ ଯୋଗାଯୋଗ ସୁଯୋଗ ପ୍ରଦାନ କରିଛି । ଏହା ମାଧ୍ୟମରେ ଭାରତ ମଧ୍ୟ ଏସିଆର ଉର୍ଜା ସମୃଦ୍ଧ ଓ ବ୍ୟାପକ ବଜାରକୁ ପ୍ରବେଶ କରିପାରୁଛି, ଯାହା ଆର୍ଥିକ ଓ ବାଣିଜ୍ୟିକ ସମ୍ଭାବନାକୁ ବଢ଼ାଇଛି । ଏଥିସହିତ ଏହି ବନ୍ଦର International North-South Transport Corridor (INSTC) ସହ ଯୋଡ଼ାଯାଇ ଭାରତକୁ ରୁଷିଆ ଓ ୟୁରୋପୀୟ ବଜାର ସହ ଦ୍ରୁତ ସଂଯୋଗ ଦେଇପାରେ । ଚୀନର Belt and Road Initiative ଅଧୀନରେ ପାକିସ୍ତାନର ଗ୍ୱାଦର ବନ୍ଦର ବିକାଶ ପାଉଥିବା ପରିପ୍ରେକ୍ଷୀରେ ଚାବାହାର ପ୍ରକଳ୍ପ ଭାରତ ପାଇଁ ଆଞ୍ଚଳିକ କୌଶଳଗତ ସନ୍ତୁଳନ ସୃଷ୍ଟି କରିବାର ଏକ ମୁଖ୍ୟ ଉପାୟ ହୋଇଉଠିଛି । ଏହା ଭାରତକୁ ହିନ୍ଦ ମହାସାଗର ଓ ପଶ୍ଚିମ ଏସିଆ ଅଞ୍ଚଳରେ ନିଜ ଭୂରାଜନୀତିକ ପ୍ରଭାବ ବଢ଼ାଇବାର ସୁଯୋଗ ଦେଇଥିବା ସହ ଭାରତ–ଇରାନ କୌଶଳଗତ ଭାଗୀଦାରିକୁ ଅଧିକ ସୁଦୃଢ଼ କରିଛି ।

ସହଯୋଗ ନା କୂଟନୀତିକ ସୀମାବଦ୍ଧତା?

ଆସନ୍ତା ଦିନରେ ଭାରତ-ଇରାନ ସମ୍ପର୍କର ଗତିପଥ ବହୁ ଆନ୍ତର୍ଜାତୀୟ ଓ ଅଞ୍ଚଳୀୟ ପରିସ୍ଥିତି ଉପରେ ନିର୍ଭର କରିବ । ବିଶେଷକରି ଆମେରିକା-ଇରାନ ସମ୍ପର୍କର ସୁଧାର କିମ୍ବା ଅଧିକ ସଂଘର୍ଷ ଦୁଇ ଦେଶର ଆର୍ଥିକ ଓ ଉର୍ଜା ସହଯୋଗକୁ ପ୍ରଭାବିତ କରିପାରେ । ଯଦି ପ୍ରତିବନ୍ଧ ହ୍ରାସ ପାଏ, ତେବେ ଭାରତ ପୁନର୍ବାର ଇରାନରୁ ବ୍ୟାପକ ତେଲ ଆମଦାନି ଓ ପାଇପ୍‌ଲାଇନ୍, ବନ୍ଦର ଓ ସଂଯୋଗ ପ୍ରକଳ୍ପରେ ନିବେଶ ବଢ଼ାଇ ପାରିବ । ଏହା ସହିତ ଚୀନର ବଢୁଥିବା ପ୍ରଭାବ, ବିଶେଷକରି ଇରାନ ସହ ଦୀର୍ଘମିଆଦୀ ରଣନୀତିକ ଚୁକ୍ତି, ଭାରତ ପାଇଁ ନୂଆ କୂଟନୀତିକ ପ୍ରତିସ୍ପର୍ଦ୍ଧା ସୃଷ୍ଟି କରୁଛି । ଅନ୍ୟପଟେ ବିଶ୍ୱ ଉର୍ଜା ବଜାରର ପରିବର୍ତ୍ତନ, ନବୀକରଣଶୀଳ ଉର୍ଜା ଦିଗରେ ଗତି ଓ ଭୂରାଜନୀତିକ ସଂଘର୍ଷ ଭାରତର ନୀତିକୁ ଅଧିକ ବାସ୍ତବବାଦୀ କରିବାକୁ ବାଧ୍ୟ କରିବ । Global Southର ଏକ ଦାୟିତ୍ୱଶୀଳ ନେତା ଭାବେ ଭାରତ ଶାନ୍ତି, ସଂଯୋଗ ଓ ବହୁପକ୍ଷୀୟ ସହଯୋଗକୁ ଆଗେଇ ନେବାକୁ ଚେଷ୍ଟା କରିବ । ସେହିପରି, ଭାରତ ପାଇଁ ଇରାନ କେବଳ ଏକ ତେଲ ଯୋଗାଣକାରୀ ଦେଶ ନୁହେଁ; ବରଂ ଏହା ଆଫଗାନିସ୍ତାନ, ମଧ୍ୟ ଏସିଆ ଓ ପଶ୍ଚିମ ଏସିଆ ସହ ଯୋଗାଯୋଗ ସ୍ଥାପନ କରୁଥିବା ଏକ ମହତ୍ୱପୂର୍ଣ୍ଣ ଭୂରାଜନୀତିକ ସେତୁ ଭାବେ ରହିବ । ଭବିଷ୍ୟତରେ ସହଯୋଗ ଓ ସୀମାବଦ୍ଧତା - ଉଭୟ ଥିବା ସତ୍ତ୍ୱେ, ସନ୍ତୁଳିତ କୂଟନୀତି ହିଁ ଭାରତ–ଇରାନ ସମ୍ପର୍କର ମୂଳ ଆଧାର ହେବ । ■

ଅଧ୍ୟାପକ
ଲୋକନାଥ ମହାବିଦ୍ୟାଳୟ, ପାଟକୁରା, କେନ୍ଦ୍ରାପଡ଼ା
ମୋ: ୯୪୩୭୨୧୦୪୫୮

ଖାମେନେଇ ଯୁଗର ଅବସାନ

ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖାମେନେଇଙ୍କ ମୃତ୍ୟୁ ଘଟିଛି । ଏହା ସହ ଇରାନରେ ଖାମେନେଇଙ୍କ ଯୁଗର ବି ଅନ୍ତ ଘଟିଛି । ଖାମେନେଇଙ୍କ ବିୟୋଗରେ ଇରାନ୍‌ରେ ୪୦ ଦିନିଆ ଶୋକ ଘୋଷଣା କରାଯାଇଛି । ସେ ଦୀର୍ଘ ୩୬ ବର୍ଷ ଧରି କ୍ଷମତାରେ ଥିଲେ । ଦେଶର ରାଜନୈତିକ ଓ ଧାର୍ମିକ କ୍ଷେତ୍ରରେ ସେ ସବୁଠାରୁ ଶକ୍ତିଶାଳୀ ବ୍ୟକ୍ତି ଥିଲେ । ତେବେ ଖାମେନେଇଙ୍କ ଜନ୍ମଠାରୁ ଆରମ୍ଭ କରି ତାଙ୍କ ବ୍ୟକ୍ତିଗତ ଜୀବନ, ଭାରତ ସହିତ ତାଙ୍କର ସମ୍ପର୍କ ଆଦି ବିଭିନ୍ନ ଦିଗକୁ ନେଇ ଏହି ବିଶେଷ ଉପସ୍ଥାପନା ।

ଇରାନର ଦ୍ୱିତୀୟ ସର୍ବୋଚ୍ଚ ନେତା

୧୯୩୯ ମସିହା ଏପ୍ରିଲ ୧୯ରେ ଆୟାତୋଲ୍ଲା ଅଲ୍ଲୀ ଖାମେନେଇ ଇରାନର ମସହଦ ସହରର ଏକ ଧାର୍ମିକ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବାପା ସୟଦ ଜାଭାଦ ଖାମେନେଇ ଥିଲେ ଜଣେ ଇସ୍‌ଲାମିକ ବିଦ୍ୱାନ । ୧୯୭୯ ମସିହାରେ ଇସ୍‌ଲାମିକ୍ ବିପ୍ଳବରେ ସକ୍ରିୟ ଭୂମିକା ନିର୍ବାହ କରୁଥିବା ପ୍ରମୁଖ ନେତାଙ୍କ ମଧ୍ୟରୁ ଖାମେନେଇ ଥିଲେ ଅନ୍ୟତମ । ତେବେ ଇରାନ୍‌ରେ ଇସ୍‌ଲାମିକ୍ ବିପ୍ଳବ ସମୟରେ ସେ ରୁହୋଲ୍ଲା ଖାମେନେଇଙ୍କର ଜଣେ ଘନିଷ୍ଠ ସହଯୋଗୀ ଥିଲେ । ବିପ୍ଳବ ପୂର୍ବରୁ ଶାହଙ୍କ ଶାସନ ସମୟରେ ତାଙ୍କୁ ଅନେକଥର ଜେଲ୍ ଯିବାକୁ ପଡ଼ିଥିଲା । ଏହି ସମୟରେ ଇରାନ ଓ ଇରାକ ମଧ୍ୟରେ ଯୁଦ୍ଧ ହୋଇଥିଲା । ସେ ଏଭଳି ଏକ ଜଟିଳ ପରିସ୍ଥିତିକୁ ମଧ୍ୟ ସାମ୍ନା କରିଥିଲେ । ଅବଶ୍ୟ ରୁହୋଲ୍ଲା ଖାମେନେଇଙ୍କ ମୃତ୍ୟୁ ପରେ ଖାମେନେଇଙ୍କୁ ଇରାନର ଦ୍ୱିତୀୟ ସର୍ବୋଚ୍ଚ ନେତା ଭାବେ ନିଯୁକ୍ତି କରାଯାଇଥିଲା । ଖାମେନେଇ ସେବେଠୁ ମୃତ୍ୟୁ ପର୍ଯ୍ୟନ୍ତ ଏହି ଗୁରୁ ଦାୟିତ୍ୱକୁ ବହନ କରି ଆସୁଥିଲେ । ଅବଶ୍ୟ ଏହା ପୂର୍ବରୁ ଖାମେନେଇ ଇରାନର ରାଷ୍ଟ୍ରପତି ବି ହୋଇଥିଲେ ।

ପରମାଣୁ ଚୁକ୍ତିକୁ ମଞ୍ଜୁରି ପ୍ରଦାନ

ଖାମେନେଇ ଏକ ସୁରକ୍ଷା ଉପକରଣ (ଆଇଆର୍‌ଜିସି) ବିକଶିତ କରିଥିଲେ । ଯାହା ତାଙ୍କ ପ୍ରତି ଖୁବ୍ ବିଶ୍ୱସ୍ତ ଥିଲା । ସେ ଏହି ଅର୍ଦ୍ଧସାମରିକ ବାହିନୀକୁ କେବଳ ଇରାନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମରିକ ୟୁନିଟ୍ ନୁହେଁ, ବରଂ ଦେଶ ଅର୍ଥ ବ୍ୟବସ୍ଥାର ଏକ ଶକ୍ତିଶାଳୀ କେନ୍ଦ୍ର ମଧ୍ୟ କରିଥିଲେ । ଏହି ବାହିନୀ ଦେଶର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଅସ୍ତ୍ରାଗାରକୁ ନିୟନ୍ତ୍ରଣ କରେ । ତାଙ୍କ ନେତୃତ୍ୱରେ ଇରାନ ଏହାର ପରମାଣୁ କାର୍ଯ୍ୟକ୍ରମକୁ ଅନୁସରଣ କରିଥିଲା । ଯାହା ଫଳରେ ଆମେରିକା ଏବଂ ଇସ୍ରାଏଲ ସହିତ ଉତ୍ତେଜନା ଜାରି ରହିଥିଲା । ସେ ୨୦୧୫ ମସିହାରେ ପରମାଣୁ ଚୁକ୍ତିକୁ ମଞ୍ଜୁରି ପ୍ରଦାନ କରିଥିଲେ । ତେବେ ୨୦୧୮ ମସିହାରେ ଡୋନାଲ୍ଡ ଟ୍ରମ୍ପ ଚୁକ୍ତିରୁ ଓହରିଯିବା ପରେ ଖାମନେଇ ପୁଣି ଥରେ କଠୋର ମନୋଭାବ ଗ୍ରହଣ କରିଥିଲେ ।

ସାମରିକ ବଳ ଓ ବିଦେଶ ନୀତି ଉପରେ ନିୟନ୍ତ୍ରଣ

ଖାମେନେଇ ମୁଖ୍ୟତଃ ସାମରିକ ବଳ, ବିଦେଶ ନୀତି, ଆଞ୍ଚଳିକ ପ୍ରଭାବକୁ ନିୟନ୍ତ୍ରଣ କରୁଥିଲେ । ଇରାକର ସେନା ଓ ଶକ୍ତିଶାଳୀ ଆଇଆରଜିସି (ରିଭୋଲ୍ୟୁସନାରୀ ଗାଡର) ତାଙ୍କ ନିର୍ଦ୍ଦେଶରେ ପରିଚାଳିତ ହେଉଥିଲା । ବିଶେଷକରି ଆମେରିକା ଓ ଇସ୍ରାଏଲ ବିରୋଧରେ ଏକ କଠୋର ଆଭିମୁଖ୍ୟ ଗ୍ରହଣ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ । ସେହିପରି ସିରିଆ, ଇରାକ୍, ଲେବାନନ ଓ ୟେମେନ ଭଳି ଦେଶରେ ନିଜର ପ୍ରଭାବ ବିସ୍ତାର କରିବା ପାଇଁ ଏବଂ ସେଠାକାର ଗୋଷ୍ଠୀକୁ ସାହାଯ୍ୟ କରିବାରେ ତାଙ୍କର ବଡ଼ ହାତ ଥିଲା ।

ସୀମିତ ସମ୍ପତ୍ତି

ଖାମେନେଇଙ୍କ ସମ୍ପତ୍ତି ସୀମିତ ବୋଲି କୁହାଯାଉ ଥିଲା । ହେଲେ ଅନ୍ତର୍ଜାତୀୟ ରିପୋର୍ଟରେ ଦାବି କରାଯାଏ ଯେ, ସେ ସେତାଦ ନାମକ ଏକ ସଂଗଠନ ମାଧ୍ୟମରେ ବହୁତ ସମ୍ପତ୍ତି ଉପରେ ନିୟନ୍ତ୍ରଣ ରଖୁଥିଲେ । ତେବେ ୨୦୧୩ ମସିହାରେ ଏକ ଅନ୍ତର୍ଜାତୀୟ ତଦନ୍ତ ରିପୋର୍ଟରେ, ସେତାଦର ସମ୍ପତ୍ତି ପ୍ରାୟ ୯୫ ବିଲିୟନ ଡଲାର ବୋଲି ଆକଳନ କରାଯାଉଥିଲା । ହେଲେ ଅନ୍ୟ କିଛି ରିପୋର୍ଟ ଅନୁସାରେ, ଏହାର ସଂଖ୍ୟା ୨୦୦ ବିଲିୟନ ଡଲାର ବୋଲି କୁହାଯାଏ ।

ବିଶ୍ୱ ରାଜନୀତି ଉପରେ ପ୍ରଭାବ

ଦେଶର ସର୍ବୋଚ୍ଚ ନେତା ଭାବରେ ଖାମେନେଇ ଇରାନର ସାମରିକ, ନ୍ୟାୟପାଳିକା, ରାଷ୍ଟ୍ର ପ୍ରସାରଣ ବ୍ୟବସ୍ଥା ଏବଂ ପ୍ରମୁଖ ନୀତିଗତ ନିଷ୍ପତ୍ତି ଉପରେ ଚୂଡ଼ାନ୍ତ ଅଧିକାର ରଖୁଥିଲେ । ଆମେରିକା ଏବଂ ପଶ୍ଚିମ ଦେଶ ସହିତ ଇରାନର ସମ୍ବନ୍ଧ, ପରମାଣୁ କାର୍ଯ୍ୟକ୍ରମ, କ୍ଷେତ୍ରୀୟ ନୀତି ଉପରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ଥିଲା । ଅନେକ ଥର ସେ ଆମେରିକାର ନୀତିକୁ ଖୋଲାଖୋଲି ଭାବେ ସମାଲୋଚନା କରିଛନ୍ତି । ଏପରିକି ଚଳିତବର୍ଷ ମଧ୍ୟ ଆମେରିକାର ଚାପପୂର୍ଣ୍ଣ ରାଜନୀତିକୁ ଦୃଢ଼ ଭାବେ ପ୍ରତ୍ୟାଖ୍ୟାନ କରିଛନ୍ତି ।

ଉତ୍ତର ପ୍ରଦେଶ ସହ ସଂପର୍କ

ଇରାନର ସର୍ବୋଚ୍ଚ ନେତା ଖାମେନେଇଙ୍କ ମୃତ୍ୟୁ ପରେ ଉତ୍ତର ପ୍ରଦେଶର ବାରବଙ୍କି ଜିଲ୍ଲାର ଏକ ଛୋଟ ଗାଁ କିନ୍ଥୁରରେ ଶୋକର ଛାୟା ଖେଳି ଯାଇଥିଲା । କାରଣ ଏହି ଗାଁ ସହିତ ଖାମେନେଇଙ୍କ ଗଭୀର ସଂପର୍କ ରହିଛି । ଖାମେନେଇଙ୍କ ଜେଜେବାପା ସୟଦ ଅହମଦ ମୁସାଭି ହିନ୍ଦୀ ଏହି ଗାଁରେ ରହୁଥିଲେ । କିଛି ପୁରୁଣା ଦଲିଲ ଏବଂ ପୈତୃକ ଘରର ସ୍ମୃତି ଏବେ ବି ରହିଥିବା ଗ୍ରାମର କେତେକ ବୟୋଜ୍ୟେଷ୍ଠ ବ୍ୟକ୍ତି କହନ୍ତି । ଖାମେନେଇଙ୍କ ମୃତ୍ୟୁ ଖବର ବିଭିନ୍ନ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ଗାଁରେ ନିରବତା ଖେଳି ଯାଇଥିଲା ।

୪୧ ବର୍ଷ ବୟସରେ ଭାରତ ଗସ୍ତ

ଖାମେନେଇଙ୍କ ଜୀବନରେ ଭାରତର ଏକ ନିଆରା ଅଧ୍ୟାୟ ଯୋଡ଼ି ହୋଇ ରହିଛି । ୧୯୮୦-୮୧ରେ ୪୧ ବର୍ଷ ବୟସରେ ସେ ଭାରତ ଯାତ୍ରା କରିଥିଲେ । ଏଥିରେ କର୍ଣ୍ଣାଟକ ଓ କାଶ୍ମୀର ଅଞ୍ଚଳ ସାମିଲ ଥିଲା । ଅବଶ୍ୟ ତାଙ୍କର ଏହି ଯାତ୍ରା ୧୯୮୧ ମସିହାରେ ଇରାନର ରାଷ୍ଟ୍ରପତି ହେବା ପୂର୍ବରୁ ଥିଲା । ତେବେ ଏହି ସମୟ ଥିଲା ଇସ୍‌ଲାମିକ୍ ବିପ୍ଳବର ପ୍ରାରମ୍ଭିକ ବର୍ଷ । ସେତେବେଳେ ରୁହୋଲ୍ଲା ଖାମେନେଇଙ୍କ ସରକାର ସାରା ବିଶ୍ୱରେ ନିଜ ଆଧିପତ୍ୟ ବିସ୍ତାର କରିବାକୁ ପ୍ରଚେଷ୍ଟା କରୁଥିଲା । ଏହାର ଉଦ୍ଦେଶ୍ୟ ଥିଲା ଦୁଇ ଦେଶ ମଧ୍ୟରେ ସାଂସ୍କୃତିକ ଓ ଧାର୍ମିକ ସମ୍ବନ୍ଧକୁ ମଜଭୁତ କରିବା । କର୍ଣ୍ଣାଟକରେ ତାଙ୍କ ଯାତ୍ରାର ପ୍ରଥମ ରହଣି ବେଙ୍ଗାଲୁରୁରେ ଥିଲା । ଭାରତ ସହିତ କୂଟନୈତିକ ଯାତ୍ରା: ଇରାନ୍‌ର ସର୍ବୋଚ୍ଚ ନେତା ଖାମେନେଇଙ୍କ ସହ ଭାରତର ସମ୍ପର୍କ ମୁଖ୍ୟତଃ ବ୍ୟାବହାରିକ ହିତ ଉପରେ ଆଧାରିତ ଥିଲା । ବୈଚାରିକ ମତଭେଦ ଏବଂ ଆଞ୍ଚଳିକ ଉତ୍ତେଜନା ସତ୍ତ୍ୱେ ଗତ ୨୫ ବର୍ଷ ମଧ୍ୟରେ ଭାରତର ତିନି ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ (୨୦୦୧), ମନମୋହନ ସିଂହ (୨୦୧୨) ଏବଂ ନରେନ୍ଦ୍ର ମୋଦୀ (୨୦୧୬) ଙ୍କ ସହ ବିଭିନ୍ନ ସମୟରେ ଖାମେନେଇ ସାକ୍ଷାତ କରିଛନ୍ତି । ତେବେ ଖାମେନେଇ ଅନେକ ଅବସରରେ କାଶ୍ମୀର ପ୍ରସଙ୍ଗ ଉପରେ ଟିପ୍ପଣୀ କରି ଭାରତରୁ ଅସହଜ ଅନୁଭବ କରାଇଛନ୍ତି ।

ତିନି ପ୍ରଧାନମନ୍ତ୍ରୀଙ୍କ ସହିତ ସାକ୍ଷାତ

୨୦୧୬ ମସିହାରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତେହରାନ ଗସ୍ତ ବେଳେ ତାଙ୍କ ସହ ଯେଉଁ ସାକ୍ଷାତ ହୋଇଥିଲା, ତାହା ନିର୍ଣ୍ଣାୟକ ବୋଲି ପ୍ରମାଣିତ ହୋଇଥିଲା । ସେହିପରି ୨୦୦୧ ମସିହାରେ ଅଟଳ ବିହାରୀ ବାଜପେୟୀ ଏବଂ ଖାମେନେଇଙ୍କ ମଧ୍ୟରେ ବୈଠକ ହୋଇଥିଲା । ୨୦୧୨ ମସିହାରେ ମନମୋହନ ସିଂହ ଓ ଖାମେନେଇଙ୍କ ସାକ୍ଷାତ ହୋଇଥିଲା । ଏହି ତିନି ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ସାକ୍ଷାତ ତଥା ବୈଠକ ଆଲୋଚନାକୁ ଅକ୍ଷୁଣ୍ଣ ରଖିବା ନେଇ ଏକପ୍ରକାର ସୁନିଶ୍ଚିତ କରିଥିଲା । ହେଲେ ବର୍ତ୍ତମାନ ପରିବର୍ତ୍ତିତ ପଶ୍ଚିମ ଏସୀୟ ଦୃଶ୍ୟପଟରେ ଏହା ଦେଖିବା ଗୁରୁତ୍ୱପୂର୍ଣ୍ଣ ହେବ ଯେ, ଏହି ବ୍ୟାବହାରିକ ସହଭାଗିତା କେଉଁ ଦିଗରେ ଗତି କରୁଛି । ■

ପ୍ରଭାବଶାଳୀ ଇରାନ

ବିଭିନ୍ନ ଦୃଷ୍ଟିରୁ ଇରାନ ବେଶ୍ ଶକ୍ତିଶାଳୀ । ସବୁ ଦେଶ ଜାଣନ୍ତି ଇରାନ ଉପରେ ସିଧାସଳଖ ଆକ୍ରମଣ କରିବା ଅସମ୍ଭବ । ସେଥିପାଇଁ ଇରାନର ଭୌଗୋଳିକ ସ୍ଥିତିକୁ ବୁଝିବାକୁ ହେବ । ଇରାନର ପଶ୍ଚିମ ଭାଗରେ ଜାଗରୋସ ପର୍ବତମାଳା ରହିଛି । ଏହି ପର୍ବତାମାଳା ଇରାନକୁ ପ୍ରାକୃତିକ ସୁରକ୍ଷା ପ୍ରଦାନ କରେ । ଏହି ସମସ୍ତ ଅଞ୍ଚଳ ଖୁବ୍ ପଥୁରିଆ । ଏହାକୁ ଅତିକ୍ରମ କରିବା ଖୁବ୍ କଷ୍ଟକର ।

ସୁରକ୍ଷାର ଢାଲ ଜାଗରୋସ ପର୍ବତମାଳା

ଜାଗରୋସ ପର୍ବତମାଳା ଇରାନ ପାଇଁ ଏତେ ଉପକାରୀ ଯେ, ୧୯୮୦ ମସିହାରେ ଯେତେବେଳେ ଇରାନ୍ ଉପରେ ଇରାକ୍ ଆକ୍ରମଣ କଲା, ତା'ର ଯୋଜନ ଥିଲା ଯେ, ଏହା ଖୁଜିସ୍ତାନର ଓଏଲ ରେଜି ସୁବେହ ଉପରେ କବ୍‌ଜା କରି ପୁଣି ଏହିଠାରୁ ଆଗକୁ ଇରାନର ଅନ୍ୟ ସହର ଉପରେ କବ୍‌ଜା କରି ଇରାନ ବିପ୍ଳବକୁ ନଷ୍ଟ କରିଦେବ । କାରଣ ସବୁ ଆରବ ଦେଶ ଭଭୟଭୀତ ଥିଲେ ଯେ ଇରାନ ବିପ୍ଳବର ପ୍ରଭାବ ଯେମିତି ଅନ୍ୟ ଆରବ ଦେଶକୁ ବ୍ୟାପି ନ ଯାଏ । ଇରାକ ସେନା ଦୁଇ ବର୍ଷରେ କେବଳ ଖୁଜିସ୍ତାନ ପର୍ଯ୍ୟନ୍ତ ପହଞ୍ଚି ପାରିଲେ । ଏହାସହ ସେମାନେ ବହୁତ ଚେଷ୍ଟା କଲେ ଯେ, ଜାଗରୋସ ପର୍ବତକୁ ଅତିକ୍ରମ କରି ଇରାନ ଉପରେ କବ୍‌ଜା କରିବାକୁ । ହେଲେ ସେମାନଙ୍କୁ ଏଥିରେ ବି ସଫଳତା ମିଳିଲା ନାହିଁ । ତେବେ ଇରାନ, ଇରାକୀ ସେନାକୁ ପଛଘୁଞ୍ଚା ଦେଇ ଇରାକ ଭିତରକୁ ପ୍ରବେଶ କଲା । ଏଠାରେ ବି ଇରାନ ଏକଥା ଜାଣିବାକୁ ପାଇଲା ଯେ, ଯେଉଁଠାରେ ଇରାନୀ ସେନାକୁ ସହଜରେ ନିଜ ସହରରୁ ସପ୍ଲାଏ ମିଳୁଥିଲା, ସେଠାରେ ଇରାକୀ ଆର୍ମିକୁ ସପ୍ଲାଏ ପହଞ୍ଚାଇବା ବହୁତ କଷ୍ଟକର ଥିଲା । କାରଣ ଇରାନ ସମସ୍ତ ବଡ଼ ସହର ଓ ଡିପୋ ଜାଗରୋସ ପର୍ବତମାଳାର ଅନ୍ୟ ଏକ ପାର୍ଶ୍ୱରେ ଥିଲା । ଏହି କାରଣ ଯୋଗୁଁ ୮ ବର୍ଷ ପରେ ବି ଏହି ଯୁଦ୍ଧ କୌଣସି ନିଷ୍କର୍ଷରେ ପହଞ୍ଚି ନ ପାରି ଶେଷ ହୋଇଗଲା । ଏହାସହ ଦୁଇ ଦେଶ ସୀମା ମଧ୍ୟରେ ଗୋଟିଏ ଇଞ୍ଚର ପରିବର୍ତ୍ତନ ଆସିଲା ନାହିଁ । ଏହି ପ୍ରକାରେ ଇରାନର ଉତ୍ତର ଭାଗରେ କ୍ୟାସକିନ୍ ସି' ସହିତ ଆଲବ୍ରୋଟସ ପର୍ବତମାଳା ଅଛି । ଯାହାକି ଏହାକୁ ଉତ୍ତର ଭାଗରୁ ସୁରକ୍ଷା ପ୍ରଦାନ କରେ ।

ଆୟର ଉତ୍ସ

ଜାଗରୋସ ପର୍ବତମାଳା ଇରାନକୁ କେବଳ ପ୍ରାକୃତିକ ସୁରକ୍ଷା ନୁହେଁ, ବରଂ ବହୁ ସମ୍ବଳ ବି ପ୍ରଦାନ କରେ । ଏହା ଦୁଇ ପର୍ବତାମାଳା ୟୁରେନିୟମ, ସିଲଭର, ଗୋଲଡ, ଜିଙ୍କରେ ଭରପୂର । ଇରାନ ପାଖରେ ବିଶ୍ୱର ସବୁଠୁ ଜିଙ୍କର ସମ୍ବଳ ଅଛି । ସେହିପରି ବର୍ତ୍ତମାନ ଇରାନ ପାଖରେ ପୂରା ବିଶ୍ୱର ୧୦ ପ୍ରତିଶତ ଅଏଲ ଏବଂ ୧୫ ପ୍ରତିଶତ ପ୍ରାକୃତିକ ଗ୍ୟାସ ଇରାନ ପାଖରେ ଅଛି । ଇରାନକୁ ୨୫୦୦ କିମି ଦୂର ଲମ୍ବ ଉପକୂଳ ମଧ୍ୟ ସୁରକ୍ଷା ପ୍ରଦାନ କରେ । ଯାହାକି ପର୍ସିଆନ୍ ଗଲଫ୍ ଏବଂ ଗଲଫ୍ ଅଫ୍ ଓମାନ ଦୁଇ ସମୁଦ୍ର ମଧ୍ୟରେ ବିଭକ୍ତ ।

ସେହିପରି ବନ୍ଦର ଆବାସ ହେଉଛି ଇରାନ୍‌ର ସବୁଠୁ ବଡ଼ ସି-ପୋର୍ଟ । ଯାହାକି ବିଶ୍ୱର ବଡ଼ ଚୋକ୍ ପଏଣ୍ଟ ଷ୍ଟ୍ରେଟ୍ ଅଫ୍ ହର୍ମୋଜଠାରୁ କେବଳ ୭୦ କିମି ଦୂରରେ ଅବସ୍ଥିତ । ଏହି ପଏଣ୍ଟ ହେଉଛି ବର୍ତ୍ତମାନ ଇରାନର ସବୁଠୁ ଜିଓପଲିଟିକାଲ ଲାଭରେଜ୍ । ଇରାନ ଯଦି ନିଜ ନେଭି ମାଧ୍ୟମରେ ଏହି ପଏଣ୍ଟକୁ ବ୍ଲକ୍ କରିଦିଏ, ପୂରା ବିଶ୍ୱର ଅର୍ଥନୀତି ଭୁଷୁଡ଼ି ପଡ଼ିବ । କାରଣ ଦୁନିଆର ୧୫ ପ୍ରତିଶତ ଶକ୍ତି ଯୋଗାଣ ଏହି ବାଟ ଦେଇ ଏସିଆ ଓ ୟୁରୋପକୁ ଯାଇଥାଏ । ଅନ୍ୟପଟେ ଇରାନର ଜନସଂଖ୍ୟା ୯ କୋଟି । ଏଥିରୁ ଶିଆ ମୁସଲିମ୍ ୯୫ ପ୍ରତିଶତ । ୬୨ ପ୍ରତିଶତ ପର୍ସିଆନ ଅଛନ୍ତି । ୧୬ ପ୍ରତିଶତ ଆଜେରି, ୧୦ ପ୍ରତିଶତ କୁର୍ଦ, ୧୨ ପ୍ରତିଶତ ବଲୋଚ, ଲୁର, ଆରବ, ତୁର୍କିକ୍ । ■

ଶକ୍ତିଶାଳୀ ଦେଶ ପତନର କାରଣ

ଯୁକ୍ତରାଷ୍ଟ୍ର ଆମେରିକା ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ରାଷ୍ଟ୍ର । ହେଲେ ଆମେରିକା ଏବେ ସ୍ପେନ, ବ୍ରିଟେନ୍ ଏବଂ ସୋଭିଏତ ୟୁନିଅନ ମାର୍ଗରେ ଯାଉଛି । ଅର୍ଥାତ୍ ସେମାନଙ୍କର ଯେପରି ପତନ ହୋଇଥିଲା ଆମେରିକାର ଅର୍ଥନୈତିକ ଏବଂ ସାମ୍ରାଜ୍ୟଗତ ପତନ ଦେଖିବାକୁ ମିଳୁଛି । ଦେଶ ପତନ ଆଭ୍ୟନ୍ତରୀଣ ଆର୍ଥିକସ୍ଥିତି ଏବଂ ଅତ୍ୟଧିକ କରଜରୁ ପତନ ହୋଇଥାଏ ।

ପତନର ମୂଳ କାରଣ

ବିଶ୍ୱର ଅନେକ ଶକ୍ତିଶାଳୀ ରାଷ୍ଟ୍ର ପତନ ହେବାର କେତେକ କାରଣ ରହିଛି । ସେଥିମଧ୍ୟରୁ ଅତ୍ୟଧିକ ସାମରିକ ଶକ୍ତି ବୃଦ୍ଧି ଅନ୍ୟତମ । ସେହିପରି ମୁଦ୍ରା ହ୍ରାସ, ଅତ୍ୟଧିକ ଋଣ ବୋଝ, ଉତ୍ପାଦନ କ୍ଷମତା ହ୍ରାସ, ସାମାଜିକ ଅବକ୍ଷୟ, ଗଚ୍ଛିତ ମୁଦ୍ରା ସ୍ଥିତି ହ୍ରାସ ଆଦି କାରଣ ଯୋଗୁଁ ଅତୀତରେ ଅନେକ ଶକ୍ତିଶାଳୀ ଦେଶ ପତନର ସମ୍ମୁଖୀନ ହୋଇଛନ୍ତି ।

ସ୍ପେନ୍

୧୫୯୦ ମସିହାରେ ସ୍ପେନ୍ ଶକ୍ତିଶାଳୀ ରାଷ୍ଟ୍ର ଥିଲା । ବହୁତ ଦେଶକୁ ସେ ନିୟନ୍ତ୍ରଣରେ ରଖିଥିଲା । ସୁନା ଏବଂ ରୁପା ଖଣି ଉପରେ ଏହା ପ୍ରାଧାନ୍ୟ ବିସ୍ତାର କରିଥିଲା । ସେନା ପାଇଁ ଅଧିକ ଖର୍ଚ୍ଚ କରୁଥିଲା । ନିଜର କୌଣସି ଉତ୍ପାଦନ ନଥିଲା । ତେବେ ରୁପା ମୁଦ୍ରାରେ କପର ମିଶାଇ ପଡ଼ୋଶୀ ଦେଶଙ୍କ ପାଇଁ ବିଶ୍ୱାସଘାତକ କାମ କରି ବଦନାମ ହେଲା । ଫଳରେ ଦେଶରେ ଅପରାଧୀଙ୍କ ସଂଖ୍ୟା ବଢ଼ିଲା । ଋଣ ଭାର ମଧ୍ୟ ବଢ଼ି ବଢ଼ି ଚାଲିଲା । ଦେଶରେ ଦେବାଳିଆ ପରିସ୍ଥିତି ସୃଷ୍ଟି ହେଲା । ୧୭୦୦ ସୁଦ୍ଧା ସ୍ପେନ୍‌ର ପତନ ଘଟିଥିଲା । ଅର୍ଥନୈତିକ ଅବହେଳା, ସାମରିକ ଶକ୍ତି ବୃଦ୍ଧି, ଘରୋଇ ବିଦ୍ରୋହ ଦ୍ୱାରା ଏହି ସାମ୍ରାଜ୍ୟର ପତନ ଘଟିଥିଲା ।

ବ୍ରିଟିଶ୍

୧୯୦୦ ମସିହାରେ ବ୍ରିଟିଶ୍ ଅନେକ ଦେଶ ଉପରେ ରାଜୁତି କରୁଥିଲା । ପାଉଣ୍ଡ ବିଶ୍ୱର ରିଜର୍ଭ ମୁଦ୍ରା ଥିଲା । ବ୍ରିଟେନ୍ ସାମରିକ ଶକ୍ତି ଅତ୍ୟଧିକ ବୃଦ୍ଧି, ଯୁଦ୍ଧ ପାଇଁ ଋଣ, ଶିଳ୍ପର ହ୍ରାସ ଯୋଗୁଁ ବିପର୍ଯ୍ୟୟ ମୁଖା ହୋଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବ୍ରିଟେନର ଋଣସ୍ତର ଜିଡ଼ିପି ଅତିକ୍ରମ କରିଯାଇଥିଲା । ଯାହାଦ୍ୱାରା ଏହି ସାମ୍ରାଜ୍ୟର ଅନ୍ତ ଘଟିଥିଲା ।

ସୋଭିଏତ ୟୁନିଅନ୍

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସୋଭିଏତ ୟୁନିଅନ ଏକ ପ୍ରମୁଖ ମହାଶକ୍ତିଶାଳୀ ଦେଶ ଥିଲା । ଜିଡିପିର ୧୫%ରୁ ୨୦% ସେନା ଉପରେ ଖର୍ଚ୍ଚ କରୁଥିଲା । ହେଲେ ୧୯୯୧ ମସିହାରେ ଏହାର ପତନ ଘଟିଥିଲା । ତୈଳ ମୂଲ୍ୟର ହ୍ରାସ, ଦୁର୍ବଳ ଶାସନ, ଦୁର୍ନୀତି ସୋଭିଏତ୍ ୟୁନିଅନ୍ ପତନର କାରଣ ହୋଇଥିଲେ ମଧ୍ୟ ଗ୍ଲାସ୍ନୋନିସ୍, ପେରେସ୍ତ୍ରୋଇକାକୁ ସୋଭିଏତ୍ ୟୁନିଅନ୍ ପତନର ମୂଳ କାରଣ କୁହାଯାଏ ।

ଆମେରିକା

ଆମେରିକା ବିଶ୍ୱରେ ନିଜର ଅସ୍ତିତ୍ୱ ବଜାୟ ରଖିବା ପାଇଁ ନିଜର ସୈନ୍ୟଙ୍କୁ ପ୍ରାୟତଃ ସମସ୍ତ ରାଷ୍ଟ୍ରରେ ରଖିଛି । ଫଳରେ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରୁଛି । ବାଣିଜ୍ୟ କାରବାରରେ ମଧ୍ୟ ଆମେରିକୀୟ ମୁଦ୍ରା ଡଲାର ଉପରେ ନିର୍ଭରଶୀଳତା କମାଇବାକୁ ଉଦ୍ୟମ ଆରମ୍ଭ ହୋଇଛି । ଚାଇନା ଏବଂ ରୁଷ୍ ଡଲାର ବଦଳରେ ନିଜର ମୁଦ୍ରା ବ୍ୟବହାର କରିବାରୁ ଡଲାର ମୂଲ୍ୟ ହ୍ରାସ ପାଉଛି । ଆମେରିକା ମଧ୍ୟ ବିପୁଳ ପରିମାଣରେ ଋଣ କରିବାରେ ଲାଗିଛି । ଫଳରେ ଆମେରିକା ପତନ ଆଡ଼କୁ ଅଗ୍ରସର ହେଉଥିବା ଚର୍ଚ୍ଚା ହେଉଛି । ତେବେ ବର୍ତ୍ତମାନ ସାରା ବିଶ୍ୱରେ ଆମେରିକାର ବେଶ୍ ପ୍ରଭାବ ରହିଛି । ■

ଆମେରିକା ଓ ଇସ୍ରାଏଲର ସାମରିକ ଶକ୍ତି

ମଧ୍ୟପ୍ରାଚ୍ୟରେ ଦିନକୁ ଦିନ ଯୁଦ୍ଧ ସ୍ଥିତି ଅଣାୟତ୍ତ ହେବାରେ ଲାଗିଛି । ଏହାରି ମଧ୍ୟରେ ଏବେ ସଭିଙ୍କ ନଜର ଆମେରିକା, ଇସ୍ରାଏଲ ଏବଂ ଇରାନ ସାମରିକ ଶକ୍ତି ଉପରେ ରହିଛି । ସବୁ ଦେଶର ନିଜର ସାମରିକ ଶକ୍ତି ପ୍ରଦର୍ଶନ କରିବାରେ ଲାଗିଛନ୍ତି । ତେବେ ଆମେରିକା ଓ ଇସ୍ରାଏଲ୍ ସାମରିକ ଶକ୍ତିକୁ ନେଇ ଏହି ଉପସ୍ଥାପନା ।

ଆମେରିକା ବିଶ୍ୱର ସବୁଠୁ ଶକ୍ତିଶାଳୀ ଦେଶ ଭାବେ ପରିଚିତ । ଅତ୍ୟାଧୁନିକ ଜ୍ଞାନକୌଶଳ, ଟେକ୍ନୋଲୋଜି ଏହାର ସାମରିକ ଶକ୍ତିକୁ ସର୍ବୋତ୍ତମ କରିଛି ।

ଆମେରିକାର ସାମରିକ ଶକ୍ତି

ସେନା ବାହିନୀ : ଆମେରିକା ସେନାଙ୍କ ପାଖରେ କୋଣ ଅନୁକୋଣରୁ ଆକ୍ରମଣ କରିବାର ସାମର୍ଥ୍ୟ ରହିଛି । ଏଥିରେ ୧୩ ଲକ୍ଷ କାର୍ଯ୍ୟରତ ତଥା ସକ୍ରିୟ ସୈନ୍ୟ ରହିଛନ୍ତି । ସେହିପରି ୮ ଲକ୍ଷ ସଂରକ୍ଷିତ ସେନା ରହିଛନ୍ତି ।

ପ୍ରତିରକ୍ଷା ବଜେଟ୍ : ଆମେରିକା ପ୍ରତିରକ୍ଷା ବଜେଟ୍ ବିଶ୍ୱରେ ସବୁଠୁ ଅଧିକ । ଭାରି ନିବେଶ, ଆଧୁନିକ ଅସ୍ତ୍ରଶସ୍ତ୍ର, ଜ୍ଞାନକୌଶଳ, ପ୍ରଯୁକ୍ତିବିଦ୍ୟା ସାମରିକ ଶକ୍ତିକୁ ସୁରକ୍ଷା ଦେବାର ପ୍ରମୁଖ ମାଧ୍ୟମ ସାଜିଛି। ଏହାର ପ୍ରତିରକ୍ଷା ବଜେଟ୍ ବିଶ୍ୱରେ ୯ ୯ ୭ ବିଲିୟନ୍ ଡଲାର ରହିଛି ।

ପରମାଣୁ ଅସ୍ତ୍ରଶସ୍ତ୍ର : ଜଳ, ସ୍ଥଳ ଏବଂ ବାୟୁସେନା ମାଧ୍ୟମରେ ପରମାଣୁ ଶକ୍ତିର ଜବାବ ଦେବାର କ୍ଷମତା ଆମେରିକାର ରହିଛି । ଏହି ବ୍ୟବସ୍ଥା ସାମ୍ରାବ୍ୟ ଶତ୍ରୁମାନଙ୍କୁ ସିଧାସଳଖ ଯୁଦ୍ଧ ରୋକିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସେହିପରି ଏହା ପାଖରେ ଏକ ହଜାର ସକ୍ରିୟ ପରମାଣୁ ବୋମା ରହିଛି । ତେବେ ମୋଟ ପରମାଣୁ ବୋମା ସଂଖ୍ୟା ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ବୋଲି କୁହାଯାଉଛି ।

ବାୟୁ ସେନା : ଆମେରିକା ବାୟୁସେନାରେ ଏକ ହଜାରରୁ ଊର୍ଦ୍ଧ୍ୱ ଅତ୍ୟାଧୁନିକ ବିମାନ ରହିଛି । ସେଗୁଡ଼ିକ ମଧ୍ୟରୁ ଷ୍ଟିଲ୍‌ଥ ଫାଇଟର୍ ଜେଟ୍ (ଗୁପ୍ତ ଯୁଦ୍ଧ ବିମାନ)ଅନ୍ୟତମ । ଏହାର ଉନ୍ନତ ପ୍ରଯୁକ୍ତିବିଦ୍ୟା ଏହାକୁ ଆକାଶରେ ହେଉଥିବା ଯୁଦ୍ଧରେ ସାହାଯ୍ୟ କରିଥାଏ ।

ଇସ୍ରାଏଲ୍‌ର ସାମରିକ ଶକ୍ତି

ଇସ୍ରାଏଲ ଛୋଟ ଦେଶ ହେବା ସତ୍ତ୍ୱେ ଏହାର ସେନା ଖୁବ୍ ଶକ୍ତିଶାଳୀ । ଏହା ବିଶ୍ୱର ସବୁଠୁ ଉଚ୍ଚ ପ୍ରଯୁକ୍ତି ବିଦ୍ୟା ସମ୍ପନ୍ନ ଏବଂ ବିପଦପୂର୍ଣ୍ଣ ସେନା ମଧ୍ୟରୁ ଅନ୍ୟତମ । ଏହା ସଂଖ୍ୟାଠୁ ଅଧିକ ଗୁଣବତ୍ତା ଉପରେ କାର୍ଯ୍ୟ କରିଥାଏ ।

ସୈନ୍ୟ ବାହିନୀ : ଇସ୍ରାଏଲ୍‌ରେ ପାଖାପାଖି ୧ ଲକ୍ଷ ୭୦ ହଜାର ସକ୍ରିୟ ସୈନ୍ୟ ଥିବାବେଳେ ୪ ଲକ୍ଷ ୬୫ ହଜାର ସଂରକ୍ଷିତ ସୈନ୍ୟ ଅଛନ୍ତି । ଜନସଂଖ୍ୟା କମ୍ ସତ୍ତ୍ୱେ ଇସ୍ରାଏଲ୍ ଆବଶ୍ୟକ ସ୍ଥଳେ ଲକ୍ଷ ଲକ୍ଷ ସୈନ୍ୟ ମୁତୟନ କରିବାର ସାମର୍ଥ୍ୟ ରଖିଛି ।

ପ୍ରତିରକ୍ଷା ବଜେଟ୍ : ଇସ୍ରାଏଲ୍ ପ୍ରତିବର୍ଷ ନିଜ ସେନା ଉପରେ ୪୬. ୫ ଅରବ ଡଲାର ଖର୍ଚ୍ଚ କରିଥାଏ । ବର୍ତ୍ତମାନର ଯୁଦ୍ଧ ସ୍ଥିତିକୁ ଦେଖି ଏହି ସଂଖ୍ୟାରେ ବୃଦ୍ଧି ଘଟିଛି ।

ବାୟୁସେନା : ଇସ୍ରାଏଲ୍ ପାଖରେ ୬୦୦ ଶହ ବାୟୁସେନା ରହିଛି । ଏଥିରେ ଆମେରିକା ଦ୍ୱାରା ଯୋଗାଇ ଦିଆଯାଇଥିବା ଖୁବ୍ ବିପଦପୂର୍ଣ୍ଣ ଏବଂ ରାଡାର୍‌କୁ ଏଡ଼ାଇ ଦେଉଥିବା F-35 ଗୁପ୍ତ ଯୁଦ୍ଧ ବିମାନ ମଧ୍ୟ ଅନ୍ତର୍ଭୁକ୍ତ ।

ପରମାଣୁ ଅସ୍ତ୍ର : ଇସ୍ରାଏଲ୍ ପାଖରେ ହାରାହାରି ୯୦ଟି ପରମାଣୁ ବୋମା ଥିବା ଦାବି କରାଯାଇଛି । ହେଲେ ଏହା ସରକାରୀ ଭାବରେ ସ୍ୱୀକାର ହୋଇନାହିଁ । ■

ମଧ୍ୟପ୍ରାଚ୍ୟ ଯୁଦ୍ଧ କାହା ସପକ୍ଷରେ କିଏ

ମଧ୍ୟପ୍ରାଚ୍ୟରେ ଲାଗି ରହିଛି ଯୁଦ୍ଧର ବିଭୀଷିକା । ଆମେରିକା ଓ ଇସ୍ରାଏଲ ମିଳିତ ଆକ୍ରମଣରେ ଇରାନ ଥରହର । ସେପଟେ ଇରାନ ମଧ୍ୟ ଆକ୍ରମଣର ଜବାବ ଦେବାକୁ ପଛଘୁଞ୍ଚା ଦେଉନାହିଁ । ଇରାନ ପ୍ରତିଶୋଧ ପରାୟଣ ହୋଇ ପଡ଼ୋଶୀ – ୟୁଏଇ, ଓମାନ, କାତାର, ବାହାରିନ୍‌କୁ କ୍ଷେପଣାସ୍ତ୍ର ମାଡ଼ କରୁଛି । ତେବେ ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିପ୍ରେକ୍ଷୀରେ କିଏ କାହାକୁ ସମର୍ଥନ ଦେଉଛନ୍ତି ଜାଣିବା ।

ଇରାନ ସମର୍ଥକ ରାଷ୍ଟ୍ର

ଚୀନ ଏବଂ ରଷ ହେଉଛନ୍ତି ଇରାନ୍‌ର ସହଯୋଗୀ । ତାଙ୍କ ସହିତ ଉତ୍ତର କୋରିଆ, ପାକିସ୍ତାନ, ଭେନେଜୁଏଲା ଏହି ତାଲିକାରେ ଅଛନ୍ତି । ଚୀନ ଓ ରୁଷ୍ ଇରାନକୁ ସାମରିକ ସହାୟତା ପ୍ରଦାନ ନ କରି କେବଳ ଏହି ଆକ୍ରମଣକୁ ନିନ୍ଦା, ଯୁଦ୍ଧ ବିରତି ପାଇଁ ଆହ୍ୱାନ କରିବା ଏବଂ ଜାତିସଂଘ ସୁରକ୍ଷା ପରିଷଦରେ ଯୁଦ୍ଧ ବିରତି ବିଷୟରେ ଆଲୋଚନା କରିଛନ୍ତି । ତେବେ ଭାରତ ନୀରବ ରହିଛି । ପାକିସ୍ତାନ ମଧ୍ୟ ଆମେରିକାର ଭୟରେ ପଛଘୁଞ୍ଚା ଦେଇଛି । ତେଣୁ ଇରାନ ଏହାର ମିଲିସିଆ ନେଟୱାର୍କ ସକ୍ରିୟ କରୁଛି । ଏଥିରେ ଲେବାନନର ହିଜବୁଲ୍ଲା, ଯେମେନର ହୁତି ଏବଂ ଇରାକ ଓ ସିରିୟାର ଥିବା ସିୟା ମିଲିସିଆ ସାମିଲ ଅଛନ୍ତି ।

ଆକ୍ରମଣ ପୂର୍ବରୁ ଜିସିସି ସଦସ୍ୟ ଇରାନ ବିରୁଦ୍ଧରେ ଆକ୍ରମଣ ପାଇଁ ସେମାନଙ୍କର ଆକାଶମାର୍ଗକୁ ବ୍ୟବହାର କରିବାକୁ ଦେବେ ନାହିଁ କହିଥିଲେ । ତଥାପି ଆମେରିକା ଏବଂ ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିବା ପାଇଁ ଇରାନର ପଡ଼ୋଶୀ ରାଷ୍ଟ୍ର ଜୋର୍ଡାନ, ଇରାକ ଏବଂ ସିରିଆ ଭଳି ଦେଶଗୁଡ଼ିକର ସହଯୋଗ ଦେଇଥିଲେ । ସାଉଥ ଆରବ, ବାହାରିନ, କାତାର ଘାଟିରେ ମଧ୍ୟ ଆମେରିକା ବିମାନର ବ୍ୟବହାର ଦେଖିବାକୁ ମିଳିଥିଲା ।

ଇରାନର ଶତ୍ରୁଦେଶ

ଇରାନର ବଡ଼ ଶତ୍ରୁ ଆମେରିକା ଏବଂ ଇସ୍ରାଏଲ । ଏହାବାଦ ୟୁରୋପୀୟ ଦେଶ ସିଧାସଳଖ ଇରାନର ସମର୍ଥନ ଦେଉନାହାନ୍ତି । ମଧ୍ୟ ପୂର୍ବରେ ସାଉଦ ଆରବ ଏବଂ ୟୁଏଇ ସହ ଇରାନ ରାଜନୈତିକ ଏବଂ ବିଚାରକଗତ ବିବାଦ ରହିଛି ।

ଇସ୍ରାଏଲ ସମର୍ଥକ

ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଇସ୍ରାଏଲକୁ ପ୍ରତିଥର ପରି ଆମେରିକା ସମର୍ଥନ ଦେଇଛି । ସେହିପରି ଜୋର୍ଡାନ, ଇରାକ, ୟୁଏଇ ଏବଂ ସାଉଥ ଆରବ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠୁଛି ।

ଆମେରିକାକୁ ସହଯୋଗ

ଆମେରିକାକୁ ଇସ୍ରାଏଲ ସହଯୋଗ କରୁଛି । ପାଶ୍ଚାତ୍ୟ ଦେଶଗୁଡ଼ିକର ଗୁଇନ୍ଦା ଓ ଲଜିଷ୍ଟିକ୍ ସମର୍ଥନ ମଧ୍ୟ ଆମେରିକାକୁ ମିଳୁଛି । ବ୍ରିଟେନ ଉପସାଗରୀୟ ଦେଶରେ ଆମେରିକା ସେନାକୁ ସମର୍ଥନ କରୁଛି । ନାଟୋ ସହଯୋଗୀ ଦେଶଗୁଡ଼ିକ ସକ୍ରିୟ ଭାବେ କୁଟନୈତିକ ଓ ଆଗୁଆ-ସୂଚନା ରାଡାର ସମର୍ଥନ ଦେଇ ଇରାନ ଆଣବିକ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଚାହୁଁଛନ୍ତି । ■

ହାରିଲେ ସ୍ୱାଧୀନ, ଜିତିଲେ ପଦ୍ମ

ରାଜ୍ୟରେ ଯେଉଁ କେତେକ ପ୍ରସଙ୍ଗ ଏବେ ଲୋକଙ୍କ ମନକୁ ଆନ୍ଦୋଳିତ କରୁଛି, ସେଥି ମଧ୍ୟରେ ସମ୍ଭବତଃ ପ୍ରମୁଖ କଥାଟି ହେଉଛି ରାଜ୍ୟସଭା ନିର୍ବାଚନରେ ଦିଲ୍ଲୀପ ରାୟଙ୍କ ପ୍ରାର୍ଥିତ୍ୱ । ଅବଶ୍ୟ ପ୍ରତି ରାଜ୍ୟସଭା ନିର୍ବାଚନବେଳେ ଦିଲ୍ଲୀପଙ୍କ ନାଁ ଚର୍ଚ୍ଚା ହୁଏ; ଏଥର ବି ଚର୍ଚ୍ଚାରେ ଥିଲା । ଅତୀତରେ ସେ କେତେଥର ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି, କେନ୍ଦ୍ରରେ ମନ୍ତ୍ରୀ ହୋଇଛନ୍ତି । ରାଜ୍ୟରେ ପଦ୍ମଦଳ ଯେତେବେଳେ ଅସ୍ତିତ୍ୱ ପାଇଁ ସଂଗ୍ରାମ କରୁଥିଲା, ସେତେବେଳେ ପଦ୍ମ ଦଳର କେନ୍ଦ୍ରୀୟ ନେତାଙ୍କର ନୀଳନୟନ ବନ୍ଧୁଥିଲେ ଦିଲ୍ଲୀପ । ୨୦୧୪ ମସିହାରେ ତତ୍‌କାଳୀନ ରାଷ୍ଟ୍ରୀୟ ଅଧ୍ୟକ୍ଷ ରାଜନାଥ ସିଂହଙ୍କ ପ୍ରସ୍ତାବ ଗ୍ରହଣ କରି ବରଗଡ଼ ସଂସଦୀୟ କ୍ଷେତ୍ରରୁ ସେ ପ୍ରାର୍ଥୀ ହୋଇଥିଲେ, ହୁଏତ ଆଜି ପରିସ୍ଥିତି ଭିନ୍ନ ହୋଇଥାଆନ୍ତା । ମାତ୍ର ଏବେ ସେ ସବୁ ପୁରୁଣା କଥା । ସ୍ୱେଚ୍ଛା ନିର୍ବାସନରେ ଥିବା ଦିଲ୍ଲୀପଙ୍କୁ ପଦ୍ମ ଦଳ ଖୋଜିଖୋଜି ୨୦୨୪ ବିଧାନସଭା ନିର୍ବାଚନରେ ପ୍ରାର୍ଥୀ କରିଥିଲା ଓ ତାଙ୍କ ପ୍ରାର୍ଥୀତ୍ୱ ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ରରେ ପଦ୍ମ ବିଜୟ ପଥ ପରିଷ୍କାର କରିଥିଲା । ମାତ୍ର ପଦ୍ମ ଦଳ ଦିଲ୍ଲୀପଙ୍କୁ କାହିଁକି ସ୍ୱାଧୀନ ଲଢ଼ିବାକୁ ଛାଡ଼ିଦେଲା ଓ ସେ ବି କାହିଁକି ଏହି ପ୍ରସ୍ତାବକୁ ଗ୍ରହଣ କଲେ ତାହା ଅନେକ ବୁଝିପାରୁ ନାହାନ୍ତି । ଦିଲ୍ଲୀପ ଦଳ ଛାଡ଼ି ନଥିଲେ ବି ପଦ୍ମ ଦଳ ତାଙ୍କୁ ଦଳୀୟ ପ୍ରାର୍ଥୀ ନ କରି କେବଳ ତାଙ୍କର ସ୍ୱାଧୀନ ପ୍ରାର୍ଥିତ୍ୱକୁ ସମର୍ଥନ ଜଣାଇଛି । ଯା'ର ଅର୍ଥ କ'ଣ ଦିଲ୍ଲୀପ ଜାଣନ୍ତି; ଦଳ ବି ଜାଣେ । ଦିଲ୍ଲୀପ ଜିତିଲେ ଆମ ପ୍ରାର୍ଥୀ କହି ପଦ୍ମ ଦଳ କ୍ରେଡ଼ିଟ୍ ନେବ ଓ ହାରିଗଲେ ସ୍ୱାଧୀନ ପ୍ରାର୍ଥୀ କହି ବାଟ କାଟିବ । ଏଇୟା ନା, ଏହା ପଛରେ ଆଉ କିଛି ରହସ୍ୟ ଅଛି? ■



ଶତପଥୀଙ୍କ ଘୋଡ଼ା ବୋମା

ଗତ ଦୁଇ ଦଶନ୍ଧି ମଧ୍ୟରେ ରାଜ୍ୟସଭା ନିର୍ବାଚନକୁ ନେଇ ଯେତେ ଚର୍ଚ୍ଚା ହୋଇ ନାହିଁ; ଏସନ ରାଜ୍ୟସଭା ନିର୍ବାଚନରେ ଚର୍ଚ୍ଚା ଓ ଆଲୋଚନା ସବୁକୁ ବଳି ଯାଇଛି । ଶାସକ ପଦ୍ମ ଦଳର ଦୁଇ ଓ ବିରୋଧୀ ଶଙ୍ଖ ଦଳର ଗୋଟିଏ ଆସନ ପରେ ବଳକା ୪ର୍ଥ ଆସନଟି ହେଉଛି ସବୁ ଆଲୋଚନାର ମୂଳ ଏବଂ ଏଥିପାଇଁ ଚାଲିଛି ଯାବତୀୟ ଅଙ୍କ କଷା । ଏବେ ଚାଲିଥିବା ହିସାବକିତାବ ରୁଷ-ୟୁକ୍ରେନ୍ ଯୁଦ୍ଧର ପରିଣତି ପରି ଭାଗଫଳହୀନ । ରାଜ୍ୟସଭା ଗଣିତର ହିସାବକାଗଜ କାଗଜ ଧାଡ଼ିରେ ରଖିଲେ ତାହା କେନ୍ଦୁଝରର ଚମ୍ପୂଆରୁ ପାଟକୁରା ବାଟେ କଟକ, ସାନଖେମୁଣ୍ଡି ଟପି କୋରାପୁଟ ଜିଲ୍ଲା ଯାଏ ଲମ୍ବିଛି ବୋଲି ଅନେକ ଲୋକ କହୁଛନ୍ତି । ଏହି ସମୟରେ ଧରିତ୍ରୀ ସମ୍ପାଦକ ବାବୁ ତଥାଗତ ନିଜ କଳା ପୋଷା କୁକୁରର ଛବି ରଖି ମାରିଥିବା ତେରଛା ବାଣ ଅନେକ ଦିଗକୁ ଇଙ୍ଗିତ କରିଛି । ତାଙ୍କ 'ଘୋଡ଼ା ବୋମା' ବିରୁଡ଼ି ପରି ଅନେକଙ୍କ ହୃଦୟକୁ ବିନ୍ଧି ଦେଇଛି । ହେଲେ ତଥାଗତଙ୍କୁ କିଏ ବୁଝାଇବ ଯେ ଆଜିକାଲି ବଜାର ଦର ଯାହା, ସେଠି 'ବିବେକ' କେଉଁଠି ଶସ୍ତାରେ ମିଳିବ? ସେତେବେଳେ ସିନା ଶସ୍ତା ଯୁଗ ଥିଲା; କୋଡ଼ିଏ ତିରିଶି ପେଟିରେ 'ବିବେକ' ମିଳି ଯାଉଥିଲା; ମାତ୍ର ଏବେ କ'ଣ ଆଉ ସେ ସମୟ ଅଛି ? ଏ କଥା ବାବୁ ତଥାଗତଙ୍କୁ କ'ଣ ଅଜଣା ? କେଇମାସ ତଳେ ମହାରାଷ୍ଟ୍ରରେ ସାଧାରଣ ପୌର ନିର୍ବାଚନ ବେଳେ 'ବିବେକ' ଧଳା ଖାମ୍ ଭିତରେ ଭର୍ତ୍ତି ହୋଇଥିବା ଦେଖା ଯାଇଥିଲା । ଆଉ ରାଜ୍ୟସଭା ନିର୍ବାଚନ ତ ତାହା ତୁଳନାରେ ବହୁତ ବହୁତ ବଡ଼ । ଏଠି 'ବିବେକ' ପାଇଁ ବଡ଼ ବସ୍ତା ବି ଛୋଟ ପଡ଼ିଯିବ । ■

ଚବିଶି କ୍ୟାରେଟ୍ ପଦ୍ମଅଁ ନେତା

ଏକ ସମୟରେ ବାବୁ ବିଜୟ ମହାପାତ୍ର ଥିଲେ ରାମମନ୍ଦିର ଆଖଡ଼ାର ମଉଡ଼ ମଣି । ଆଖଡ଼ା ମୁଖିଆ ହେବାକୁ ତାଙ୍କର ଭାରି ଇଚ୍ଛା ଥିଲା, ମାତ୍ର ଅନେକ ଚେଷ୍ଟା କରି ସେ ମୁଖିଆ ହୋଇ ପାରିଲେ ନାହିଁ । ଦଳର ସମ୍ବିଧାନର କଠୋର ନିୟମ ତାଙ୍କ ମୁଖିଆ ଇଚ୍ଛାରେ ପାଣି ଢ଼ାଳି ଦେଲା । ଦଳ ତାଙ୍କୁ ଏମିତି କୋଣ ଠେସା କଲା ସେ ସେ ଯିବାକୁ ବି ବାଟ ପାଇଲେ ନାହିଁ । ସେତେବେଳେ ଦଳର କନିଷ୍ଠ ନେତାମାନେ ଆଖଡ଼ା ମଞ୍ଚରେ ବସି ବୁମ୍ ଆଗରେ ବିଜୟଙ୍କ ବିରୋଧରେ ବିଷ ଉଦ୍‌ଗାରଣ କରିଥିବା ଆମେ ଦେଖିଛୁ । ବିଜୟ ସିନା ଆଜିକାଲି ଦଳରେ ନାହାନ୍ତି, ହେଲେ ପୂର୍ବ ମୁଖିଆ ବସନ୍ତ, ସମୀରଙ୍କ ସହ ଟାଣୁଆ ନେତା ଗୋଲୋକଙ୍କ କଥା ରାଜ୍ୟସଭା ନିର୍ବାଚନ ବେଳେ ଦଳ କେମିତି ଭୁଲିଗଲା; ତାହା ଆମପରି ଅନେକ ଲୋକଙ୍କୁ ସନ୍ଦେହରେ ପକାଇଛି । ଏମାନଙ୍କ ବ୍ୟତୀତ ଦିଲ୍ଲୀପ ମହାନ୍ତି, କାଳିନ୍ଦୀ ସାମଲ, ଯତୀନ ମହାନ୍ତି, ନିମାପଡ଼ାରେ ପ୍ରଭାତୀଙ୍କ ବିଜୟର କର୍ଣ୍ଣଧାର ଭାଇନା ସମୀର; ପୂର୍ବ ବିରୋଧୀଦଳ ନେତା ପ୍ରଦୀପ୍ତ ନାୟକ ଓ ଭୋଟ ବେଳେ ଆମଦାନୀ ଅନେକ ତାରକା ଥାଉଥାଉ ସମୁଦ୍ର ବାଲିରୁ ଅଭ୍ର ଗୋଟାଇବା ପରି କେଇମାସ ତଳେ ଆମଦାନୀ ସୁଜିତ୍ କୁମାରଙ୍କ ପାଇଁ ରାଜ୍ୟସଭା ନିର୍ବାଚନରେ ଦଳ ନାଲି କାର୍ପେଟ ବିଛାଇବା ଅନେକଙ୍କୁ ବିସ୍ମିତ କରିଛି । ବାବୁ ସୁଜିତ୍ ହେଲେ ଜଣେ ଉଡ଼ା ନେତା, ବିନା ମାଟିରେ ସେ ଆକାଶୁ ଆକାଶୁ ନିର୍ମୂଳି ଲତା ପରି ଶଙ୍ଖ ଦଳରେ ପ୍ରବେଶ କରିଥିଲେ ଓ ରାଜ୍ୟସଭା ଯାଇଥିଲେ । ଶଙ୍ଖ ଦଳ ତ୍ୟାଗ କରି କେଇମାସ ତଳେ ପଦ୍ମ ପୋଖରୀକୁ ଝାସ ଦେଇଥିଲେ । ମାତ୍ର ଯେଉଁ ନିୟମ ବିଜୟଙ୍କ କ୍ଷେତ୍ରରେ ଦଳ ଲାଗୁ କରିଥିଲା, ସୁଜିତ୍‌ଙ୍କ ବେଳକୁ ସେହି ନିୟମ କୋହଳ ହୋଇଗଲା କେମିତି ? ସିଏ କ'ଣ ଚବିଶି କ୍ୟାରେଟ୍ ? ■

ନାଲି ନୁହେଁ, ଆଗକୁ ଗେରୁ

ଏକ ସମୟରେ ଓଶୋ ଓରଫ ରଜନୀଶଙ୍କ ଦର୍ଶନ ଭାରତୀୟ ସଂସ୍କୃତି ପାଇଁ ଥିଲା ଅଛୁଆଁ । ପ୍ରଚଣ୍ଡ ତାର୍କିକ ରଜନୀଶଙ୍କୁ ଥରେ ପଢ଼ିଲେ, ମସ୍ତିଷ୍କରେ ଛିଦ୍ର ହେବା ଆପାତତଃ ନିଶ୍ଚିତ । ତାଙ୍କ ପରଲୋକର ଦଶନ୍ଧି ଦଶନ୍ଧି ପରେ ବି ତାଙ୍କ ଦର୍ଶନ ଏବେ ବି ପ୍ରାସଙ୍ଗିକ ବୋଲି ଅନେକ ମନେ କରନ୍ତି । ଆଜିକାଲି କିଏ ତାଙ୍କ ଦର୍ଶନକୁ ଗ୍ରହଣ କରିଛି ତ କିଏ ପୁଣି ତାଙ୍କ ଅନୁଗାମୀଙ୍କ ପୋଷାକ ରଙ୍ଗକୁ ଆଦରି ନେଇଛି । କଟକୀ ବାବୁ ପ୍ରଭାତ ବିଶ୍ୱାଳ ଓଶୋଙ୍କ ଦ୍ୱାରା କେବେ ପ୍ରଭାବିତ ହୋଇଥିବା ଆମେ ଶୁଣିନାହୁଁ, ମାତ୍ର ତାଙ୍କ ପୋଷାକର ରଙ୍ଗ ଓ ରଜନୀଶ ଅନୁଗାମୀଙ୍କ ପୋଷାକ ରଙ୍ଗର ସମାନତା ଅନେକଙ୍କୁ ବେଳେବେଳେ ସନ୍ଦେହରେ ପକାଇ ଦେଇଥାଏ । ଶୁଣିବା କଥା ହେଲା ଏକ ନିର୍ଦ୍ଦିଷ୍ଟ ମାନସିକ କରିଥିବା ଯୋଗୁଁ ପ୍ରଭାତ କୁଆଡ଼େ ଢ଼େର ଦିନ ହେଲା ଅନ୍ୟ ରଙ୍ଗ ଛାଡ଼ି କେବଳ ପାନ ପିକ ରଙ୍ଗର ନାଲି ପୋଷାକ ପିନ୍ଧୁଛନ୍ତି । ମାତ୍ର ସେଇ ନାଲି ପୋଷାକଟି କୁଆଡ଼େ ତାଙ୍କ ପାଇଁ ଅଡୁଆ ହୋଇଛି । ଜ୍ୟୋତିଷ କହୁଛନ୍ତି ଆଗକୁ କୁଆଡ଼େ ପ୍ରଭାତଙ୍କ ସମୟଠିକ୍ ନାହିଁ । ତାଙ୍କର ଉଭୟ ମୂଳାଙ୍କ ଓ ଭାଗ୍ୟାଙ୍କ ହେଉଛି ୯ । ୨୦୨୫ ତାଙ୍କ ପାଇଁ ଭଲ ଥିଲା । ମାତ୍ର ୨୦୨୬ ମସିହା ସୂର୍ଯ୍ୟଙ୍କ ବର୍ଷ ହୋଇଥିବାରୁ ପ୍ରଭାତଙ୍କ ପାଇଁ ଏବେ କୁସମୟ ଚାଲିଛି । ୯ ନମ୍ବରକୁ ମଙ୍ଗଳଙ୍କ ସଂଖ୍ୟା କୁହାଯାଉଥିବାରୁ ପ୍ରଭାତ ସମ୍ଭବତଃ ନାଲି ପୋଷାକ ପିନ୍ଧୁଛନ୍ତି, ହେଲେ ତାଙ୍କ ରାଶି ପାଇଁ ନାଲି ରଙ୍ଗ ଅଶୁଭ । ତେଣୁ ଶୁଭ ଫଳ ପାଇଁ ପ୍ରଭାତଙ୍କୁ ପୋଷାକର ରଙ୍ଗ ନାଲିରୁ କେଶରୀ ବା ଗେରୁଆକୁ ପରିବର୍ତ୍ତନ ପାଇଁ କୁଆଡ଼େ ଜ୍ୟୋତିଷ ପରାମର୍ଶ ଦେଇଛନ୍ତି । ମୀନ ସଂକ୍ରାନ୍ତି ପରେ ୧୬ ତାରିଖ ବେଳକୁ ପ୍ରଭାତ ନାଲିରୁ ଗେରୁଆ ହେବେ ବୋଲି କଟକ ଚାଉଳିଆଗଞ୍ଜ ପୁରଦିଆ ବରା ଦୋକାନରେ ଚର୍ଚ୍ଚା । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।